## ଟ୍ରାକ୍ଟର, ଡମ୍ଫରରୁ ବ୍ୟାଟେରୀ, ଡିଜେଲ କାଢ଼ିନେଲେ ଦୁର୍ବୃତ୍ତ

ବଡ଼ଗାଁ,(ଡି.ଏନ୍.ଏ.)ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ପ୍ରତି ୨ରୁ ୩ ଦିନରେ ଚୋରି ସାଧାରଣ ଘଟଣାରେ ପରିଣତ ହେଲାଣି। ଗତ ସପ୍ତାହ ବଡ଼ଗାଁ ବସ୍ତିର ବ୍ରହ୍ମାନନ୍ଦ ପାଣିଗ୍ରାହୀ ତାଙ୍କ ବାଇକକୁ ଘର ସମ୍ମୁଖରେ ରଖିଥିଲାବେଳେ ରାତିରେ ଚୋରି ହୋଇଥିଲା। ମଙ୍ଗଳବାର ରାତିରେ ମରଚିଗୁଡ଼ା ନିକଟ ରାଜେନ୍ଦ୍ର ଢାବା ସମ୍ମୁଖରେ ବଡ଼ଗାଁର ଏମଡି ସମଦ ତାଙ୍କ ଜେସିବି ଓ ଟ୍ରାକ୍ଟର ରଖିଥିଲେ। ସେଠାରେ ଭୋଇପାଲି ଗ୍ରାମର ଜିତେନ୍ଦ୍ର ନାଏକ ତାଙ୍କ ଡମ୍ଫରକୁ ରଖି ରାତିରେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଚୋରମାନେ ସମସ୍ତ ଗାଡ଼ିର ବ୍ୟାଟେରୀ ଓ ଡିଜେଲ କାଢ଼ି ନେଇଯାଇଛନ୍ତି। ଅଞ୍ଚଳରେ ଚୋରି ବଢ଼ି ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ: ୭ ଗିରଫ

ରାଉରକେଲା ଅଫିସ,୨୦।୧୦: ବନ୍ଧମୁଣ୍ଡା ପୋଲିସ ମଙ୍ଗଳବାର ରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ବନ୍ଧମୁଣ୍ଡା ଡି. କେବିନ ବସ୍ତିରେ ଦୀର୍ଘ ଦିନରୁ ଜୁଆକାରବାର ଚାଲିଥିଲା। ଏନେଇ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ପୋଲିସ ଜୁଆଆଡ୍ଡାରୁ ୨୯ଶହ ଟଙ୍କା ସହ ୪ଟି ତାସପତ୍ର ଓ ଗୋଟିଏ ପ୍ଲାଷ୍ଟିକ ଦରିକୁ ଜବତ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

### ରାସ୍ତା ମଝିରେ ଯୁବକଙ୍କୁ ଆକ୍ରମଣ: ୩ ଗିରଫ

ରାଉରକେଲା ଅଫିସ, ୨୦।୧୦: ଜଣେ ଯୁବକଙ୍କୁ ମଝି ରାସ୍ତାରେ ଆକ୍ରମଣ କରି ଫେରାର ଥିବା ୩ ଜଣଙ୍କୁ ଟାଙ୍ଗରପାଲି ପୋଲିସ ଗିରଫ କରିଛି। ଗିରଫ ୩ଜଣ ହେଲେ ରବି ପଟ୍ଟନାୟକ(୨୨),ମନୋହର ବେହେରା(୨୪) ଓ ସରତ ଦତ୍ତ(୨୧)। ପୋଲିସ କହିବା ଅନୁଯାୟୀ, ଟାଙ୍ଗରପାଲି ଥାନା ଅନ୍ତର୍ଗତ ଅଟୋ କଲୋନୀରେ ପ୍ରଶାନ୍ତ ପାଢ଼ୀ ବାସ କରନ୍ତି। ବୁଧବାର ସାଢ଼େ ୧୦ଟାରେ ପ୍ରଶାନ୍ତ କୌଣସି କାମ ପାଇଁ ତାଙ୍କ ବସ୍ତିରେ ଯାଇଥିଲେ। ଏହି ସମୟରେ ତାଙ୍କୁ ୩ଜଣ ଯୁବକ ମଝି ରାସ୍ତାରେ ଅଟକାଇ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ତାଙ୍କୁ ୩ ଯୁବକ ଲାଠି ଓ ଲୁହାରଡ଼ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୧୫୧/୨୧) ରୁଜୁ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଲେବର କଲୋନୀରୁ ଧରି କୋର୍ଟ ଚାଲାଣ କରିଥିଲା।

### ଚୋରି ଅଭିଯୋଗରେ ୨ ଗିରଫ

ରାଉରକେଲା ଅଫିସ, ୨୦।୧୦: ଛେଣ୍ଡଥାନା ଅଞ୍ଚଳରେ ଚୋରି କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରିଜମାନ ଅନସାରୀ(୨୦) ଓ ଏମ୍‌ଡ଼ି ଫରିଦ ଖାନ(୨୨)। ସୂଚନାଯୋଗ୍ୟ ଗତ ୧୦ ତାରିଖରେ ଛେଣ୍ଡ କଲୋନୀ କଳିଙ୍ଗ ବିହାର ଅଞ୍ଚଳରେ ଥିବା ଏଚ୍‌ଆଇଜି-୨୫୦ ଘରୁ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏନେଇ ମାମଲା (ନଂ. ୧୨୪/୨୧) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇ ମାଲଗୋଦାମ ଅଞ୍ଚଳରୁ ରିଜମାନଙ୍କୁ ଗିରଫ କରିଥିଲା। ରିଜମାନ ଠାରୁ ପୋଲିସ ଗୋଟିଏ ମୋବାଇଲ ଓ ଗୋଟିଏ ଚେନ ଜବତ କରିଛି। ସେହିଭଳି ୮ ତାରିଖ ରାତିରେ କଳିଙ୍ଗ ବିହାର ଅଞ୍ଚଳରେ ଥିବା ଏଚ୍‌ଆଇଜି ବି-୧୬୪ ଘରର ପଛ କବାଟ ଭାଙ୍ଗି କିଛି ଦୁର୍ବୃତ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ଘର ମାଲିକ ମହେଶ୍ୱର ସାହୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୨୩/୨୧)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ବିରଜାପାଲି ଅଞ୍ଚଳରୁ ଏମଡ଼ି ଫରିଦକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

### ପିକ୍‌ଅପ୍ ଭ୍ୟାନ୍ ଓଲଟି ଚାଳକ ମୃତ: ୨ ଗୁରୁତର

ଦେବଗଡ଼,୨୦।୧୦(ଡି.ଏନ୍.ଏ.) ବୁଧବାର ମଧ୍ୟାହ୍ନରେ ଲଙ୍କାମରିଚ ବୋଝେଇ ପିକ୍‌ଅପ୍ ଭ୍ୟାନ ଦେଓଗଡ଼ ଥାନା କୈଲାଶ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରୁ ତଳକୁ ଓଲଟି ପଡିବା ଫଳରେ ଏହାର ଚାଳକଙ୍କର ମୃତ୍ୟୁ ଘଟିଛି। ଏଥିସହ ସେଥିରେ ବସିଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବରଗଡରୁ ଲଙ୍କା ମରିଚ ନେଇ ଦେବଗଡ ଆଡକୁ ଆସୁଥିବା ପିକ୍‌ଅପ୍ ଭ୍ୟାନ ନଂ. ଓଡି ୧୭ ଏଫ୍ ୫୬୧୭ର ଚାଳକ ମଧ୍ୟାହ୍ନରେ କୈଲାଶ ଛକ ନିଟକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ କୌଣସି କାରଣରୁ ଭାରସାମ୍ୟ ହରାଇଥିଲେ। ଫଳରେ ଉକ୍ତ ପିକ୍‌ଅପ୍ ଭ୍ୟାନ ରାସ୍ତା ତଳକୁ ଓଲଟି ପଡିବା ସହ ଚାଳକ ବରଗଡ ଜିଲା ଅତାବିରା ଥାନାଞ୍ଚଳର ପ୍ରେମାନନ୍ଦ ବାଘେଲା, ଭ୍ୟାନରେ ବସିଥିବା ବରଗଡ ଜିଲା ରୁଚିଦା ଗ୍ରାମର ଅଭିଷେକ ଜାମୁଡାଲିଆ ଓ ଦେବଗଡ ପୌରାଞ୍ଚଳର ଆଦିତ୍ୟ କୁମାର ଗିରି ଗୁରୁତର ଆହତ ହୋଇଥିଲେ। ସୂଚନାପାଇ ଦେବଗଡ ଦମକଳ ବାହିନୀ ଘଟଣା ସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଚାଳକ ପ୍ରେମାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।

# ଉନ୍ମୋଚନ ହେଲା ରାଜ୍ୟ କବାଡ଼ି ପ୍ରତିଯୋଗିତା ଟ୍ରଫି

## ୬୯ ତମ ରାଜ୍ୟସ୍ତରୀୟ ବରିଷ୍ଠ ମହିଳା, ପୁରୁଷ କବାଡ଼ି ପ୍ରତିଯୋଗିତା

ସୁନ୍ଦରଗଡ଼,୨୦।୧୦(ଡି.ଏନ.ଏ.)

ଓଡ଼ିଶା କବାଡ଼ି ଆସୋସିଏଶନ ଓ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ୬୯ତମ ପୁରୁଷ ଓ ମହିଳା କବାଡି ପ୍ରତିଯୋଗିତା। ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ଉଦ୍ୟମରେ ଚଳିତବର୍ଷ ପାଇଁ ଆୟୋଜକ ଭାବରେ ଓଡ଼ିଶା କବାଡି ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଅନୁମୋଦିତ କରିଥିଲା। ଏହି ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୨୬ଟି ପୁରୁଷ ଦଳ ଓ ୨୦ଟି ମହିଳା ଦଳକୁ ନେଇ ଅନୁଷ୍ଠିତ ହେବାର ସୂଚନା ପ୍ରଦାନ କରିଛନ୍ତି ଓଡ଼ିଶା କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା। ପ୍ରକାଶ ଯୋଗ୍ୟ ଯେ ଏହି ପ୍ରତିଯୋଗିତାରୁ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କ ଚୟନ କରାଯାଇ ଆସନ୍ତା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ଦଳ ପ୍ରସ୍ତୁତ କରାଯିବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିକାଶ ଭବନ ପରିସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉନ୍ମୋଚିତ ହୋଇଯାଇଛି ପ୍ରତିଯୋଗିତାର ଟ୍ରଫି। ଏହି ଅବସରରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଥିଲେ। ଏକ ନିଆରା ଢଙ୍ଗରେ ଡ୍ରୋନ ଦାରା ଏହି ଉନ୍ମୋଚନ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓ ଜିଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ସହସମ୍ପାଦକ ଜୟଦେବ ପାତ୍ର, ଉପସଭାପତି ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ପୌଷ ଚନ୍ଦ୍ର ପଟେଲ, ପ୍ରସନ୍ନ ବେହେରା ତଥା ସଦସ୍ୟ ରୋମାଞ୍ଚ ଭାଇଁସାଲ, ନିତ୍ୟ ବଳ, ବିମଳ ବୋଷ, ବୀରମିତ୍ର କାଲୋ, ପ୍ରଶାନ୍ତ ପଟେଲ, ଶିଶିର ପଟେଲ, ପ୍ରସାଦ ନାଏକ,ଆଶିଷ ଦେ, ଅଶିନୀ ଭୋଳ ଏବଂ ବିଶ୍ୱରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବର ସଫଳ ଆୟୋଜନ ପାଇଁ ଦୀନବନ୍ଧୁ ଭିତ୍ରିଆ, ରାଜେନ୍ଦ୍ର ପଣ୍ଡା,ରାଜା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହା ସହିତ ପ୍ରାକ୍ତନ ଜାତୀୟ ଖେଳାଳି ଆନନ୍ଦ ମିଶ୍ର, ଦାମୋଦର ସା ମଧ୍ୟ ଉପସ୍ଥିତ ଥିଲେ। ଏହି ଉତ୍ସବ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂଚାରୁ ରୂପେ ହୋଇଥିଲା।


ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଟ୍ରଫି ଉନ୍ମୋଚନ କରୁଛନ୍ତି।

## ବିପର୍ଯ୍ୟୟ ମୁକାବିଲାକୁ ସୁଦୃଢ଼ କରିବା ପାଇଁ ମକ୍‌ଡ୍ରିଲ



ରାଉରକେଲା ଅଫିସ,୨୦।୧୦: ଆରଏସ୍‌ପିର କ୍ୟାପିଟାଲ ପାୱାର ପାଣ୍ଟ-୧ର ଅନ୍ତର୍ଗତ ପାୱାର ବ୍ଲୋଇଙ୍ଗ ଷ୍ଟେସନ ଠାରେ ଗ୍ୟାସ୍ ଲିକେଜ ତଥା ଅଗ୍ନିକାଣ୍ଡଜନିତ କୌଣସି ସମସ୍ୟାର ମୁକାବିଲା କରିବା ପାଇଁ ଏକ ମକଡ୍ରିଲ ବ୍ୟବସ୍ଥା କରାଯାଇଛି। ଏହି ମକଡ୍ରିଲରେ ପାୱାର ବିଭାଗ ମୁଖ୍ୟ ପ୍ରବନ୍ଧକ ବି.ସୁନୀଲ କାର୍ଥା ଓ ସିପିପି-୩ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଏସ.ଏଲ ଦାସ, ଏମ.ଆଇ ଶୋଙ୍କୁସଙ୍କ ସହ ଅନ୍ୟ ବହୁ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାଧାନରେ ଆୟୋଜିତ ହୋଇଥିଲା। ଏହି ମକଡ୍ରିଲରେ ଅଗ୍ନିଶମ ବିଭାଗ, ଇଏମଡ଼ି, ସୁରକ୍ଷା ଇଞ୍ଜିନିୟର, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ଓ କାର୍ମିକ ବିଭାଗ କର୍ମୀଙ୍କୁ ନେଇ ଗଠିତ ୩ଟି ଦଳ ଅଂଶ ଗ୍ରହଣ କରିଥିଲେ। ଗ୍ୟାସ୍ ଲିକେଜର ଆଧାରିତ ଏସଓପି ଅନୁଯାୟୀ ବିଭିନ୍ନ ଏଜେନ୍ସିର ପ୍ରତିକ୍ରିୟା ସମୟକୁ ବିସ୍ତୃତ ରୂପେ ବିଶ୍ଳେଷଣ କରାଯାଇଥିଲା।

## ହାତୀଙ୍କ ଉତ୍ପାତ:ଅନିଦ୍ରା ଗ୍ରାମବାସୀ

ଲହୁଣୀପଡ଼ା,୨୦।୧୦ (ଡିଏନଏ)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ହାତୀଙ୍କ ଉତ୍ପାତ ଦେଖିବାକୁ ମିଳିଛି। ହାତୀ ଦୁଇଟି ଲହୁଣୀପଡ଼ା ଅଞ୍ଚଳର ବିଭିନ୍ନ ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଦେଖି ସାଧାରଣ ଲୋକ ଆତଙ୍କିତ ହୋଇଯାଇଥିବାବେଳେ ହାତୀ ଘଉଡାଇବା ପାଇଁ ଲୋକେ, ବନ ବିଭାଗ କର୍ମଚାରୀ ରାତି ଅନିଦ୍ରା ହୋଇ ନାକେଦାମ ପାଲଟି ଯାଇଛନ୍ତି। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଅର୍ଜୁନ ଚୁଆଁ ଓ ପ୍ରତାପ ପୁରୁ ଗ୍ରାମର ବିଭିନ୍ନ ସ୍ଥାନରେ ଦୁଇଟି ହାତୀ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ଧାନ ଫସଲ ଦଳି ଚକଟି ନଷ୍ଟ କରିଦେଇଥିବାବେଳେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡିଛି। ଦୁଇଟି ହାତୀ ସୋମବାର ରାତିରେ ଅର୍ଜୁନ ଚୁଆଁ ଗ୍ରାମକୁ ଆସି ବାସୁ ମୁଣ୍ଡାଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ଦଳି ଚକଟି ନଷ୍ଟ କରିଦେଇଥିଲେ। ଭୟରେ ବାସୁ ମୁଣ୍ଡା ପରିବାର ଘରୁ ବାହାରକୁ ପଳାଇଥିଲେ। ସେଠାରୁ ଦୁଇ ହାତୀ ପ୍ରତାପପୁରୁ ଗ୍ରାମକୁ ଯାଇ ବାସୁ ମୁଣ୍ଡା, ଡୁରୀ ମୁଣ୍ଡା, ପାଣ୍ଡବ ମୁଣ୍ଡାଙ୍କ ଧାନ ବିଲରେ ପଶି ଫସଲକୁ ମାଡିଦଳି ନଷ୍ଟ କରି ଦେଇଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ରାଜାମୁଣ୍ଡା ସ୍ଥିତ ବାଙ୍କି ରେଞ୍ଜ କାର୍ଯ୍ୟାଳୟକୁ ସୂଚନା ଦେଇଥିଲେ। ଖବର ପାଇ ରାଜାମୁଣ୍ଡା ଫରେଷ୍ଟର ପ୍ରଫୁଲ୍ଲ ସାଇଁ ବନରକ୍ଷୀ ସ୍କ୍ୱାଡ୍ ସଦଳବଳେ ଅର୍ଜୁନ ଚୁଆଁ ଓ ପ୍ରତାପପୁରୁକୁ ପହଞ୍ଚି ସ୍ଥାନୀୟ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହିତ ହାତୀ ଘଉଡାଇବା ପାଇଁ ଉଦ୍ୟମ ଚଳାଇଥିବା ବେଳେ ହାତୀ ପଲ ନିକଟସ୍ଥ ବାବେହୁଡ଼ି ଜଙ୍ଗଲରେ ଲୁଚି ରହିଥିବାରୁ ସ୍ଥାନୀୟ ଲୋକମାନେ ଆତଙ୍କିତ ହୋଇ ରହିଥିଲେ। ମଙ୍ଗଳବାର ଦିନ ତମାମ ବାବେହୁଡ଼ି ଜଙ୍ଗଲରେ ରହିଥିବା ହାତୀ ଦୁଇଟି ରାତରେ ବାହାରି ଶଗଡ଼ିଆ ପୋଷ ଦେଇ ଶୁଖାବନ୍ଧ ଗ୍ରାମରେ ପହଞ୍ଚିଥିଲେ। ଶୁଖାବନ୍ଧ ଗ୍ରାମବାସୀ ରାଜାମୁଣ୍ଡାସ୍ଥିତ ବାଙ୍କି ରେଞ୍ଜ ବନାଞ୍ଚଳ କାର୍ଯ୍ୟାଳୟକୁ ସୂଚନା ଦେବା ସହିତ ହାତୀ ପଲକୁ ଘଉଡ଼ାଇ ଥିଲେ।

## କୁତ୍ରା ଗ୍ରାମାଞ୍ଚଳ ଅନ୍ଧକାର

■ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି କଲେ ଅଞ୍ଚଳବାସୀ

■ ବିଡ଼ିଓଙ୍କୁ ସାକ୍ଷାତକରି ଦାବି ଜଣାଇଥିଲେ ଲୋକେ

କୁତ୍ରା, ୨୦।୧୦(ଡି.ଏନ.ଏ)

କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ସୁବିଧା ସୁଯୋଗ ପାଇଁ କେତେ କଣ ଯୋଜନା କରୁଛନ୍ତି କିନ୍ତୁ ସେହି ସୁବିଧା ସୁଯୋଗ ସାଧାରଣ ଜନତାଙ୍କ ପାଖରେ ପହଞ୍ଚି ପାରୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତ ସମିତି ଅଞ୍ଚଳରୁ । କୁତ୍ରା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାବେଳେ ଏହା ଅନ୍ଧକାର ଭିତରେ ରହିଛି। କେବଳ କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥକୁ ଛାଡିଦେଲେ ସାରା କୁତ୍ର ବ୍ଲକ ଅଞ୍ଚଳ ଅନ୍ଧାରରେ ରହିଛି। ଗ୍ରାମାଞ୍ଚଳରେ ଲୋକେ ଅନ୍ଧାରରେ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ଆଣିଛନ୍ତି। କିନ୍ତୁ କୁତ୍ରା ବ୍ଲକ କାର୍ଯ୍ୟାଳୟ ଆଲୁଅରେ ପରିପୂର୍ଣ୍ଣ। ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି କଲୋନୀ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟରେ ଭରପୁର କିନ୍ତୁ ଗ୍ରାମଞ୍ଚଳରେ ଲୋକେ ଅନ୍ଧାରରେ ଦିନ କାଟୁଛନ୍ତି। ଅନ୍ଧାରରେ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁତ୍ରା ଗ୍ରାମାଞ୍ଚଳରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ସ୍ଥାନୀୟ ଯୁବକ ଓ କେତେଜଣ ଗ୍ରାମବାସୀ ବିଡ଼ିଓଙ୍କୁ ଭେଟି ଦାବି ଜଣାଇଛନ୍ତି।

ଗତ ୧୯ ତାରିଖ ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ୧୦ଟି ଷ୍ଟ୍ରିଟ ଲାଇଟ ଲାଗିଥିଲା। ଏହାକୁ କୁତ୍ରା ବିଡ଼ିଓ ମାନସରଞ୍ଜନ ରାୟ ଓ ସରପଞ୍ଚ ଲଳିତା ବରଆ ଉଦ୍‌ଘାଟନ କରିଥିଲେ ଏବଂ ଆଗାମୀ ଦିନରେ କୁତ୍ରା ରାଜ୍ୟ ରଜପଥରୁ ମେଡିକାଲ ପର୍ଯ୍ୟନ୍ତ ଲାଇଟ ଲାଗିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ବୁଧବାର ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି କଲୋନୀ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟରେ ଭରପୁର ଥିଲେ ମଧ୍ୟ ପୁଣି ଆଉ ୧୦ଟି ଷ୍ଟ୍ରିଟ ଲାଇଟ ଲାଗିଥିବାର ଲୋକେ ଅଭିଯୋଗ ଆଣିଛନ୍ତି। ସାଧାରଣ ଜନତା ଲାଇଟ ଲଗେଇବା ପାଇଁ କହିଲେ ଟଙ୍କା ନ ଥିବା ଆଳଦେଖାଇ ସରକାରୀ ଅଧିକାରୀମାନେ କେବଳ ନିଜର ସୁବିଧା ପାଇଁ କଲୋନୀ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଉଛନ୍ତ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଅନ୍ୟ ଅଞ୍ଚଳଗୁଡିକରେ ଲାଇଟ ନ ଲାଗିଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଧମକ ଦେଇଛନ୍ତି। ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଇ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ରେଳପଥ ଜିଏମ୍‌ଙ୍କ ସହ ଆର୍‌ଜେଏମ୍‌ର ଆଲୋଚନା

ରାଉରକେଲା ଅଫିସ, ୨୦।୧୦

ସହରର ବିଭିନ୍ନ ପ୍ରସଙ୍ଗକୁ ନେଇ ରାଉରକେଲା ଜାଗରଣ ମଞ୍ଚ (ଆରଜେଏମ୍)ର ସଭାପତି ଅମିତାଭ ସାମଲ ଦକ୍ଷିଣ-ପୂର୍ବ ରେଳ ବିଭାଗର ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଯୋଶୀଙ୍କ ସହ ଆଲୋଚନା କରିଥିଲେ। ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ମାରକପତ୍ର ଜିଏମ୍‌ଙ୍କୁ ପ୍ରଦାନ କରିଥିଲେ। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ସହରର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ସ୍ଥାପନ କରାଯାଇଛି। ବନ୍ଧମୁଣ୍ଡାରେ ଏହି ସୁବିଧା ପାଇଁ ଜମି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଆର୍‌ଏମ୍‌ସି ଓ ରେଳକର୍ତ୍ତୃପକ୍ଷ ଏମସିସି ନିର୍ମାଣ ପାଇଁ ଜମି ଦେବାକୁ କହିଛନ୍ତି । ଉଭୟ ଆରଏମ୍‌ସି ଓ ରେଳବାଇ ଏହି ଜମିକୁ ବ୍ୟବହାର କରିପାରିବେ। ବର୍ତ୍ତମାନ ଜମି ସମସ୍ୟାର ସମାଧାନ ହୋଇନାହିଁ। ରେଳବାଇ ଏଭଳି ସୁବିଧା ପାଇଁ ଏନଓସି ଦେଇନାହିଁ। ରାଉରକେଲା ରେଳ ଷ୍ଟେସନ କ୍ଷେତ୍ର ଓ ଟ୍ରାଫିକ ସୁଗମ ପରିଚାଳନା ପାଇଁ ଭବିଷ୍ୟତରେ ଆବଶ୍ୟକତା, ରେଳ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ କେନ୍ଦ୍ର ସର୍କିର୍ଣ୍ଣରାସ୍ତାକୁ ପ୍ରଶସ୍ତ କରିବା ଆବଶ୍ୟକତା ରହିଛି। ରେଳ ଅଧିକାରୀଙ୍କ ଆପତ୍ତି ଯୋଗୁ ବାସନ୍ତୀ କଲୋନୀ (ମାଲଗୋଦାମ) ଠାରୁ ବିଏସ୍‌ଏନ୍‌ଏଲ୍ ଛକପର୍ଯ୍ୟନ୍ତ ରାସ୍ତା ଆଜିଯାଏଁ ସମାପ୍ତ ହୋଇପାରିଲା ନାହିଁ। ଯଦି ପ୍ରଥମେ ଜମି ସମସ୍ୟାର ସମାଧାନ ହେବ ତେବେ ସହରରେ ଟ୍ରାଫିକ ସମସ୍ୟା କିଛି ପରିମାଣରେ ସମାଧାନ ହେବ ବୋଲି ଆରଜେଏମ୍‌ର ସାଳମ ରେଲୱେ ଜିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ସୁନ୍ଦରଗଡ଼ରେ କଳାହାଣ୍ଡି ତାତି: ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ରାଉରକେଲା ଅଫିସ/ସୁନ୍ଦରଗଡ଼, ୨୦।୧୦(ଡି.ଏନ୍.ଏ.)

ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଅପହରଣ ଓ ହତ୍ୟା କରିବା ଘଟଣାରେ ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବିରେ ଭାରତୀୟ ଜନତା ଯୁବ ମୋର୍ଚ୍ଚ ପକ୍ଷରୁ ଉଦିତନଗର ଆମ୍ବେଦକର ଛକରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସଭାପତି ଅଙ୍କୁଶ ବର୍ମାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଯୋଗଦେଇ ମନ୍ତ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଶିକ୍ଷୟିତ୍ରୀ ମମିତାଙ୍କୁ ଯେଉଁଭଳି ନୃସଂଶ ଭାବରେ ଅପହରଣ କରି ହତ୍ୟା କରାଯାଇଛି ତାହାର ପ୍ରକୃତ ସତ୍ୟାସତ୍ୟ ପାଇଁ ସିବିଆଇ ଯାଞ୍ଚ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏଥିସହ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶି ଓ ମନ୍ତ୍ରୀ ମିଶ୍ରଙ୍କୁ ଦଳରୁ ବହିଷ୍କୃତ କରି ତୁରନ୍ତ ଗିରଫ କରାଯାଉ ବୋଲି କର୍ମୀମାନେ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ଭାଜପାର ବରିଷ୍ଠ ନେତା ନିହାର ରାୟ, ଭଗବାନ ରାଉତ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଶେଖ ମୁଜାହିଜ, ସଞ୍ଜୀପ ମାଇତି, ବିନ୍ଦର ସିଂ, ଗୁରୁନ୍ଦର ସିଂ, ଭବାନି କବି, ସରୋଜ ଦାସ, ସଂଗ୍ରାମ ମହାନ୍ତି, ପ୍ରଶାନ୍ତ କିଷାନ, ଗୌତମ ସାହା, ଦୀନେଶ ଯାଦବ, ସନ୍ତୋଷ ମହାପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସୁନ୍ଦରଗଡ଼ ଡିଆରଡିଏ ଛକଠାରେ ଜିଲା ଭାଜପା ମହିଳା ଓ ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତି ସରାଫଙ୍କ ତତ୍ତ୍ୱାବଧାନରେ ଲତିକା ପଟ୍ଟନାୟକ, କାନନବାଳା ବେହେରା, ହିମାନୀ ପାଢୀ, ସଂଯୁକ୍ତା ନାଏକ, ମୀନା ନାଏକ, ଭାରତୀ ରାଉତ, ପ୍ରଜ୍ଞାଶ୍ରୀ ପଣ୍ଡା, ଗୀତାରାଣୀ ଦାସ, ନଳିନୀ ହୋତା, ସୁଷମା ପଟେଲ, ସୁଚିତା ଲାକ୍ରା, ଶ୍ରୀକାନ୍ତ ଭଞ୍ଜ, ଲକ୍ଷ୍ମୀକାନ୍ତ ସାହୁ, ଆଶୀଷ ପଟେଲ, ରାଜା କାକ, କୋଦଣ୍ଡଧର ପଟେଲ, ରାଜ୍ୟ ସଂଯୋଜକ ରୂପେଶ ପଟେଲ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।



ସୁନ୍ଦରଗଡ଼ରେ ଭାଜପା ଯୁବ ମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ କରୁଛନ୍ତି।



ରାଉରକେଲାରେ ଭାଜପା ଯୁବ ମୋର୍ଚ୍ଚାର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

## ଭାଜପା ଏସ୍‌ସି ସେଲ୍ ପକ୍ଷରୁ ବାଲ୍ମୀକି ଜୟନ୍ତୀ



ମହର୍ଷୀ ବାଲ୍ମୀକିଙ୍କର ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି କର୍ମକର୍ତ୍ତା।

ଦେବଗଡ଼,୨୦।୧୦(ଡି.ଏନ.ଏ):

ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାଠାରେ ଦେବଗଡ ଜିଲା ଭାଜପା ଏସ୍.ସି.ସେଲ୍ ପକ୍ଷରୁ ବୁଧବାର ମହର୍ଷୀ ବାଲ୍ମିକୀଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। ଦେବଗଡ ଜିଲା ଭାଜପା ଏସ୍.ସି.ସେଲ୍ ସଭାପତି ପ୍ରଜିତ କୁମାର ଭୋଜ (ଝୁନୁ)ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସଭାରେ ଭାଜପା ଏସ୍.ସି.ସେଲର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର, ଭାଜପା ଏସ୍.ସି.ସେଲ ନଗର ସଭାପତି ଶତ୍ରୁଘ୍ନ ପାତ୍ର, ଜିଲା ସଧାରଣ ସମ୍ପାଦକ ମକରଧ୍ୱଜ ହସ୍ତୀ, ନଗର ସମ୍ପାଦକ ମହାଦେବ ନାଏକ, ଉପସଭାପତି ଶିବା ମୁଖି, କଳା ମଣ୍ଡଳ ସଭାପତି ଦେବାନନ୍ଦ ନାଏକ, ରାଜିନ ମୁଖି ଓ ସତ୍ୟ ନାଏକ ପ୍ରମୁଖ ଉପସ୍ଥିତ ରହି ମହର୍ଷୀ ବାଲ୍ମିକୀଙ୍କର ମହାନ କୃତି ଓ କୀର୍ତି ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ଦଳ ପକ୍ଷରୁ ହାତକୁ ନିଆ ଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।

## କୁତ୍ରା ଅଞ୍ଚଳରେ ପୁଣି ହାତୀ ଆତଙ୍କ

କୁତ୍ରା, ୨୦।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ କିଛିଦିନର ବ୍ୟବଧାନ ପରେ ପୁଣି ହାତୀ ଆତଙ୍କ ଦେଖିବାକୁ ମିଳିଛି। ଜୁରାଜମ ପାହାଡ଼ରୁ ପ୍ରାୟ ୨୦ ଟିକିଆ ହାତୀ ପଲ ଆସି ଆତଙ୍କ ସୃଷ୍ଟି କରିଛନ୍ତି। ଚାଷ ଜମିଗୁଡିକୁ ଦଳିମକଚି ନଷ୍ଟ କରିଦେଇଛନ୍ତି। ହାତୀ ଭୟରେ ଲୋକେ ରାତି ଅନିଦ୍ରା ହୋଇ ଚାଷ ଜମି ଜଗୁଥିବା ଦେଖିବାକୁ ମିଳୁଛି। ବୁଧବାର ଲୋକେ ଘଉଡାଇବାରୁ କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ ପାର ହୋଇ ଗିରିଯାପଡା, ପଞ୍ଚରା ଦେଇ ନୂଆଗାଁ ଜଙ୍ଗଲ ଆଡ଼କୁ ଚାଲିଯାଇଛନ୍ତି। ତେବେ କୁତ୍ରା ଅଞ୍ଚଳରେ ଦିନକୁ ଦିନ ହାତୀ ଆତଙ୍କର ସୀମା ଟପିଲାଣି। ହାତୀ ଓ ମଣିଷ ଭିତରେ ଲଢେଇ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ବନ ବିଭାଗ ସବୁ ଜାଣି ମଧ୍ୟ ହାତୀ ଘଉଡାଇବା ପାଇଁ କୌଣସି ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହୋଇଛି। ବର୍ଷାର ଅନିୟମିତତା ଯୋଗୁଁ କେତେ କଷ୍ଟରେ କିଛି ମାତ୍ରାରେ ଚାଷ ହୋଇଛି କିନ୍ତୁ ତାହା ହାତୀ ଦଳିମକଚି ନଷ୍ଟ କରୁଛନ୍ତି। ଏଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାରାତ୍ମକ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ବିଛଣାପୁର ଫୁଟ୍‌ବଲ ଦଳ ଚାମ୍ପିୟନ

### ମା' ରତ୍ନାଦେବୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ


ଫୁଟ୍‌ବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ଼,୨୦।୧୦(ଡି.ଏନ.ଏ):

ତିଳେଇବଣି ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିପୋଶି କଲୋନୀ ସାହି ଖେଳ ପଡିଆଠାରେ ଭୀମଭୋଇ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ନୂଆଁଡିହୀ ଫୁଟବଲ ଦଳକୁ ପରାସ୍ତ କରି ବିଛଣାପୁର ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପ୍ରଦୀପ କୁମାର ପ୍ରଧାନ ଓ ସାଥୀ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚର ଧାରାବିବରଣି ପ୍ରଦାନ କରିଥିଲେ। ଭୀମଭୋଇ କ୍ଲବର ସଭାପତି ଖେତ୍ରୁ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ଉପ ସଭାପତି ଭାରତ ଭୂଷଣ ପ୍ରଧାନ ଓ ରଞ୍ଜନ ଉଦାବର ଯୋଗଦେଇ ଚାମ୍ପିୟନ ବିଛଣାପୁର ଫୁଟବଲ ଦଳ ଓ ରନର୍ସ ଅପ୍ ନୂଆଁଡିହୀ ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତିଯୋଗିତା ଆୟୋଜନରେ ଭୀମ ଭୋଇ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଜେଡିର ମହିଳା କର୍ମୀ ସମ୍ମିଳନୀ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ୩୫ନଂ. ୱାର୍ଡ ଗୋବିନ୍ଦତୋଲା କମ୍ୟୁନିଟି ସେଣ୍ଟରଠାରେ ବୁଧବାର ବିଜେଡିର ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ବନ୍ଦିତାରାଣୀ ମିଶ୍ରଙ୍କ ପରିଚାଳନାରେ ସଭା ହୋଇଥିଲା। ରାଜ୍ୟ ଉପସଭାନେତ୍ରୀ କବିତା ପୁରୋହିତ ଓ ଉଷା ପ୍ରଧାନ, ରାଜ୍ୟ ସମ୍ପାଦିକା କଳ୍ପନା ମିଶ୍ର, ଯୁଗ୍ମ ସମ୍ପାଦିକା ସଂଯୁକ୍ତା ମେହେର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ବିଜେଡି ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାଶ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଆଞ୍ଚଳିକ ବିସ୍ଥାପିତ ସଚେତନତା ମଞ୍ଚ ପକ୍ଷରୁ ଧାରଣା, ବୁର୍ଲାସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।
- ୬୨ତମ ପୋଲିସ ପରେଡ ଦିବସ, ରିଜର୍ଭ ପୋଲିସ ଲାଇନ ପଡିଆ, ସକାଳ ୮ଟା।

## ସଂକ୍ଷେପରେ

### ଶିବ ଦଲେଇ କଂଗ୍ରେସରୁ ନିଲମ୍ବିତ

**ସମ୍ବଲପୁର,୨୦।୧୦(ବ୍ୟୁରୋ):** ସମ୍ବଲପୁର ଜିଲା କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ତଥା ବୁର୍ଲା ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଶିବ ଦଲେଇଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ ମନ୍ତବ୍ୟ ଦେବା, ସାମାଜିକ ଗଣମାଧମରେ ଦଳ ବିରୋଧରେ ପୋଷ୍ଟ କରିବା ନେଇ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ପ୍ରଦେଶ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ତଥା ଏମ୍‌ପି ଡ. ଏ. ଚେଲା କୁମାରଙ୍କ ବିରୋଧରେ ସେ ମନ୍ତବ୍ୟ ଦେଉଥିଲେ।

### ଭାସ୍କର ସୂତାକଳରୁ ଚୋରି ଅଭିଯୋଗରେ ୬ ଗିରଫ

**ଝାରସୁଗୁଡ଼ା ଅଫିସ,୨୦।୧୦:** ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଭାସ୍କର ସୂତାକଳ ପରିସରରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର କଏଲ ଚୋରି କରିବା ଅଭିଯୋଗରେ ସଦର ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରକଳ୍ପ କଲୋନୀର କୁମାର ପାତ୍ର (୪୫), ପ୍ରେମଚାନ୍ଦ ଜୟସ୍ୱାଲ (୪୫), ଖାରୁ ଗର୍ଡିଆ (୫୭), ଛୋଟୁ ଖାସ୍‌କେଲ୍ (୩୨), ସରବେର୍ଣ୍ଣା ଓରାମପଡାର ଯୋଗିଆ ଓରାମ (୨୪), ମଙ୍ଗଳବଜାରର ଛୋଟୁ ରାମ୍ (୩୫)। ଏମାନଙ୍କ ସହିତ ୨ଜଣ ନାବାଳକ ମଧ ରହିଛନ୍ତି। ଏମାନଙ୍କ ନିକଟରୁ ୪୦କିଲୋଗ୍ରାମ ଟ୍ରାନ୍ସଫର୍ମର କଏଲ ପୋଲିସ ଜବତ କରିଛି। ପ୍ରକଳ୍ପ ସୁରକ୍ଷାକର୍ମୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସଦର ଥାନା କେସ (ନଂ୧୮୬/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

**ରେଢାଖୋଲ,୨୦।୧୦ (ଡି.ଏନ.ଏ.):** ଗତ ୧୪ ତାରିଖରେ ରେଢାଖୋଲ ଉପକଣ୍ଠ ଡିମିରିକୁଦା ଗ୍ରାମରେ ହାତୀ ଆକ୍ରମଣରେ ମୃତ କାକା ପୁତୁରାଙ୍କ ପରିବାରକୁ ବୁଧବାର ବିଧାୟକ ରୋହିତ ପୂଜାରୀ ଭେଟି ସାନ୍ତ୍ୱନା ଦେଇଥିଲେ। ଏଥିସହିତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ଭାଜପା ନେତା ଦେବେନ୍ଦ୍ର ମହାପାତ୍ରଙ୍କ ସହ ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ ୧୪ ତାରିଖ ସନ୍ଧ୍ୟାରେ ଦୁଃଶାସନ ଭୋଇ ଓ ତାଙ୍କ ପୁତୁରା ଲତିକ ଭୋଇ ସାଇକେଲରେ ଗାଁ ନିକଟରେ ବୁଲୁଥିବା ବେଳେ ହଠାତ ଜଙ୍ଗଲରୁ ଏକ ହାତୀ ରାସ୍ତାକୁ ଆସିଥିଲା। ହାତୀକୁ ଦେଖି ଉଭୟ କାକା ପୁତୁରା ସାଇକେଲ ଛାଡି ଦୌଡି ପଳାଉଥିବା ବେଳେ ହାତୀ ଗୋଡାଇ ଉଭୟଙ୍କୁ ଦଳି ଦେଇଥିଲା। ବିଧାୟକ ପୂଜାରୀ ବଂଶାଜାଲ ଗ୍ରାମରେ ନବନିର୍ମିତ ଲକ୍ଷ୍ମୀମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବଂଶାଜାଲ ସରପଞ୍ଚ କସ୍ତୁରୀ ପ୍ରଧାନ, ରତନ ରଣା, ରାଜୀବ ଲୋଚନ ପ୍ରଧାନ, ଗୁଣନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଚିହ୍ନ ମିଳିଲା, ପୋତାସ୍ଥାନ ସନ୍ଧାନ ଜାରି

ସମ୍ବଲପୁର,୨୦।୧୦(ବ୍ୟୁରୋ)

**ବନ୍ୟପ୍ରାଣୀ ମାରି ପୋତିବା ଘଟଣା**
- ହାତୀର ଦାନ୍ତବିହୀନ ଗଳିତ ମୃତଦେହ ପଡ଼ିଥିଲା
- ପୋଡ଼ିବା ପରେ ଅବଶେଷ ପୋତିଦେଲେ

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଠର୍ଲି ଗ୍ରାମ ନିକଟରେ ମୁଣ୍ଡେର-ଡୁମ୍ୱେରଚୁଆଁ ସଂରକ୍ଷିତ ଜଙ୍ଗଲ ଶାଗୁଆନ ବଣରେ ଏକ ଦନ୍ତାହାତୀର ମୃତଦେହ ପୋତି ଦିଆଯାଇଥିବା ଚର୍ଚ୍ଚା ହୋଇଥିଲା। ଏ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ତତ୍ପରତା ଦେଖାଇଛି। ଡିଏଫ୍‌ଓ ବି. ନୀଳାମ୍ବରଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ମଦନଲାଲ ଶର୍ମା ବୁଧବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଝାଙ୍କରପାଲି ଫରେଷ୍ଟର ସୂର୍ଯ୍ୟନାରାୟଣ ଖିଲାରୀ, ଭିମଖୋଜ ଫରେଷ୍ଟର କୁଳମଣି ପାଣିଗ୍ରାହୀ ଓ ବନ କର୍ମଚାରୀଙ୍କ ଏକ ଟିମ୍ ଉକ୍ତ ଶାଗୁଆନ ବଣକୁ ଯାଇ ଯାଞ୍ଚ କରିଥିଲେ। ଏ ସମ୍ପର୍କରେ ଏସିଏଫ୍ ଶର୍ମା କହିଛନ୍ତି, ଗାଡ଼ି କିମ୍ବା ବାଇକ୍ ବାରମ୍ବାର ଯିବାଆସିବା କରିଥିବା ଚକ ଚିହ୍ନ ଦେଖିବାକୁ ମିଳିଥିଲା। ବୁଲି ଦେଖିବା ପରେ ହାତୀ କିମ୍ବା ବନ୍ୟପ୍ରାଣୀ ପୋତା ହୋଇଥିବା ଜଣାପଡ଼ି ନ ଥିଲା। ସନ୍ଦେହ ହେଉଥିବାରୁ ତଦନ୍ତ ଜାରି ରହିବ। ଫରେଷ୍ଟର, ଗାର୍ଡମାନଙ୍କୁ ନେଇ ଏକ ଟିମ୍ ଜଙ୍ଗଲରେ ତନ୍ନ ତନ୍ନ କରି ଯାଞ୍ଚ କରିବାକୁ କୁହାଯାଇଛି। ଏହି ଘଟଣାକୁ ବନ ବିଭାଗ ଗମ୍ଭୀରତାର ସହ ନେଇଛି। ସତ୍ୟ କେବେ ଲୁଚିରହିବ ନାହିଁ ବୋଲି କହିଥିଲେ।

ଜଣେ ପ୍ରତ୍ୟକ୍ଷଦର୍ଶୀ କହିବା ଅନୁସାରେ ଜଙ୍ଗଲ ଭିତରେ ବନ୍ୟପ୍ରାଣୀଙ୍କ ପାଇଁ ପୋଖରୀ ଖନନ କରାଯାଇଛି। ଏହି ପୋଖରୀ ନିକଟ ରାଶିଆଟ ରାସ୍ତାର କିଛି ଦୂରରେ ଦନ୍ତାର ଗଳିତ ମୃତଦେହ ପଡିରହିଥିଲା। ହାତୀର ଦାନ୍ତ ନ ଥିବାବେଳେ ଶରୀରରେ କ୍ଷତ ରହିଥିଲା। ଘଟଣା ପ୍ରାୟ ୫ଦିନ ପୂର୍ବର ହୋଇଥିବାରୁ ଦୁର୍ଗନ୍ଧ ହେଉଥିଲା। ବନ ବିଭାଗ ସୂଚନା ପାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ହେବା ଆଶଙ୍କାରେ ମୃତଦେହ ପୋତି ଦେଇ ମାମଲା ଚାପିଦେବାକୁ ଉଦ୍ୟମ କରିଥିଲେ। ହାତୀ ମୃତ ଦେହରେ ପେଟ୍ରୋଲ ଢାଳି ଶୁଖିଲା ଓ କଞ୍ଚା କାଠ ଆଣି ପୋଡି ଦେଇଥିଲେ। ଶରୀରର ଅବଶିଷ୍ଟ କେତେକ ଅଂଶକୁ ଗାତ ଖୋଳି ପୋତି ଦେଇଥିଲେ। ଘଟଣା ନେଇ ୨ଦିନ ଧରି ମୁଣ୍ଡେର, ଭାବନୀପାଲି, ବାବୁପାଲି, ଠର୍ଲି ଗ୍ରାମରେ ଆଲୋଚନା ହୋଇଥିଲା। ଏବେ ଏହି ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ହେଲେ ଅଞ୍ଚଳର ଅଧିକାଂଶ ପରିବାର ଜଙ୍ଗଲଜାତ ଦ୍ରବ୍ୟ, ଜାଳେଣି କାଠ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବାରୁ ଖୋଲାଖୋଲି ବନ କର୍ମଚାରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିପାରୁ ନ ଥିବା ସେ କହିଛନ୍ତି। ଦାନ୍ତବିହୀନ ହାତୀର ମୃତଦେହ ପୋତିଥିବା ନେଇ ବନ ବିଭାଗ କର୍ମଚାରୀଙ୍କୁ ସନ୍ଦେହ ଘେରକୁ ଟାଣିଛି। କାର୍ଯ୍ୟାନୁଷ୍ଠାନ ହେବା ଭୟରେ ସେମାନେ ମିଳିମିଶି ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଥିବା କୁହାଯାଉଛି। ଯାହା ନାମରେ ଅଭିଯୋଗ ସେ କିଭଳି ତଦନ୍ତ କରିବ ବୋଲି ମତପ୍ରକାଶ ପାଇଛି।

# ରାଜରାଜେଶ୍ୱରୀ ବେଶରେ ସମଲେଶ୍ୱରୀ

ସମ୍ବଲପୁର,୨୦।୧୦(ବ୍ୟୁରୋ)



ସମ୍ବଲପୁରର ଅଧିଷ୍ଠାତ୍ରୀ ମା' ସମଲେଶ୍ୱରୀ ବୁଧବାର ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। କୁମାର ପୂର୍ଣ୍ଣମୀ ତିଥିରେ ରହିଥିବା ଏହି ପରମ୍ପରା ଅନୁଯାୟୀ ମା'ଙ୍କ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ୧୨ଟାରୁ ରାତି ସାଢେ ୭ଟା ପର୍ଯ୍ୟନ୍ତ ଭକ୍ତମାନେ ଦେବୀଙ୍କୁ ଦର୍ଶନ କରିଥିଲେ। ପୂଜକମାନେ ମା'ଙ୍କୁ ସମ୍ବଲପୁରୀ ପାଟବସ୍ତ୍ର, ସୁନାର ପଦ୍ମମୁଖ, କର୍ଣ୍ଣାଞ୍ଚଳ, ଢ଼ାଲ, କଙ୍କଣ, ମୁକୁଟ, ଲଲାଟପଟ୍ଟି, ବେଲପତ୍ରି, ନଥ, ଡଉଁ, ଅର୍ଦ୍ଧଚନ୍ଦ୍ର, କିଆପତରି, ସୁନା ଛତ୍ର, ରୂପାର ସିଙ୍କଟା, କିରଟି ଆଭୂଷଣରେ ସଜ୍ଜିତ କରିଥିଲେ। ସନ୍ଧ୍ୟା ଆଳତି ପରେ ପୂଜକମାନେ ରାତି ୭ଟାରେ ସାତଟି ମହାଦୀପ ସହ ସାତଥର ମନ୍ଦିର ପରିକ୍ରମା କରିଥିଲେ। ଏହାପରେ ମହାଦୀପ ମନ୍ଦିର ଶୀର୍ଷକୁ ନିଆଯାଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ପଞ୍ଚବାଦ୍ୟରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ସମଲେଇଙ୍କୁ ମୁଣ୍ଡିଆ ମାରି ମହେଶ୍ୱର ସ୍ୱାଇଁଙ୍କ ପରିବାର ସଦସ୍ୟ ନୂତନ ପାଟଧ୍ୱଜା ଧରି ଗମ୍ଭୀରା ଭିତରୁ ବାହାରିଥିଲେ। ରାତି ୯ଟାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା। ପୁରୁଣା ପାଟଧ୍ୱଜା ନେବାକୁ ଭକ୍ତମାନେ ଧାଡିବାନ୍ଧି ଛିଡା ହୋଇଥିଲେ। ମହେଶ୍ୱରଙ୍କଠାରୁ ତାଙ୍କ ପୁଅ ବିନୋଦ ସ୍ୱାଇଁ ଓ ବିଶ୍ୱଜିତ ସ୍ୱାଇଁ ଧ୍ୱଜାକୁ ମନ୍ଦିର ଶୀର୍ଷକୁ ନେଇଥିଲେ। କୋଭିଡ୍ କଟକଣା ଯୋଗୁ ବିଧି ପାଳନ ପାଇଁ ଆଖଡା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅକ୍ଷୟ ରାୟ, ଅମିୟ ରାୟ, ବୃନ୍ଦାବନ ରାୟ, ଓକିଲ ରାୟ, ମନୋଜ ରାୟ, ସଗନ ରାୟ ପ୍ରମୁଖ ଧ୍ୱଜା ପୂଜାର୍ଚ୍ଚନା କରିଥିଲେ।

# ଜିଲା ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ



ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨୦।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବାରିକ ସମାଜର ନୂଆଁଖାଇ ଭେଟ୍‌ଘାଟ-୨୦୨୧ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ବାରିକଙ୍କ ପରିଚାଳନାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ ଅତିଥି ଓ ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୀତିକାର ବିନୋଦ ପଶାୟତଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ନପୂର୍ଣ୍ଣା ବରିକ ମାନପତ୍ର ପାଠ ଓ ରବୀନ୍ଦ୍ର ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ତୁଷାର ରଞ୍ଜନ ବାରିକ ସଂଯୋଜନା ଓ ଉପସଭାପତି ହିରାଲାଲ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ସୋଲାର୍ ଇଣ୍ଡଷ୍ଟ୍ରିଜ୍‌ରେ ଶ୍ରମିକ ଆନ୍ଦୋଳନ ପ୍ରତ୍ୟାହୃତ

ଝାରସୁଗୁଡ଼ା ଅଫିସ,୨୦।୧୦

ଝାରସୁଗୁଡ଼ା ବେହେରାପାଲିସ୍ଥିତ ସୋଲାର୍ ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଆଇଆଇଏଲ୍)ରେ କାର୍ଯ୍ୟରତ ଶ୍ରମିକମାନେ ବିଭିନ୍ନ ଦାବିନେଇ ଗତ ରବିବାରରୁ ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣାରେ ବସି କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ପ୍ରମୁଖ ଦାବି ମଧ୍ୟରେ ପ୍ରତିବର୍ଷ ଦରମା ବୃଦ୍ଧି, ଓଭରଟାଇମ୍ ଲାଗୁ, ସୁରକ୍ଷା ସାମଗ୍ରୀ ଯୋଗାଇଦେବା ଅନ୍ୟତମ। ଆନ୍ଦୋଳନର ତୃତୀୟ ଦିବସ ବୁଧବାର କମ୍ପାନୀ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଶ୍ରମିକଙ୍କ ସହ ଆଲୋଚନାକରି ଦରମା ବୃଦ୍ଧିପାଇଁ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ମୁଦିପଡ଼ାରେ ଗଜଲକ୍ଷ୍ମୀ ପୂଜା



ସମ୍ବଲପୁର,୨୦।୧୦(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମୁଦିପଡା ବ୍ୟାୟାମଶାଳା ନିକଟରେ ନିରାଡମ୍ବର ଭାବେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ପ୍ରାତଃରେ କଳସ ଯାତ୍ରାରେ ମହିଳାମାନେ ମହାନଦୀରୁ ଜଳ ଆଣିଥିଲେ। ସନ୍ତୋଷ ମିଶ୍ର ଓ ରଶ୍ମିରେଖା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜା କାର୍ଯ୍ୟରେ କୋଦଣ୍ଡ ନାଏକ, ରାଧାମୋହନ ମିଶ୍ର, ସୀମାଞ୍ଚଳ ପଣ୍ଡା, ରାମଚନ୍ଦ୍ର ଗୋଡ, ମଧୁସୂଦନ ଦାଶ, ବିନୋଦ ପ୍ରଧାନ, ରମେଶ ସାହୁ, କୁନୁ ପଣ୍ଡା ସହଯୋଗ କରିଥିଲେ।

# ସେଭେନହିଲ୍ସ ସ୍କୁଲରେ କୋଭିଡ୍ ସଂକ୍ରମଣ: ତଥ୍ୟରେ ନାହିଁ ତାଳମେଳ

ସମ୍ବଲପୁର,୨୦।୧୦(ବ୍ୟୁରୋ)

ସମ୍ବଲପୁର ପରଧିଆପାଲି ସେଭେନହିଲ୍ସ ସ୍କୁଲର ୯ଜଣ କୋଭିଡ୍ ସଂକ୍ରମିତ ହୋଇଥିବା ନେଇ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ମଧ୍ୟରେ ୧୭ରୁ ୧୯ ବର୍ଷୀୟ ଛାତ୍ରୀଛାତ୍ରଙ୍କ ସମେତ ଜଣେ ୨୫ ବର୍ଷୀୟା ଯୁବତୀ ଥିବା ଜଣାପଡିଛି। ଏହାକୁ ନେଇ ଜିଲା ସଦର ଡାକ୍ତରଖାନା ଏଡିଏମ୍‌ଓ ଆଶୋକ ଦାସ କହନ୍ତି, ସଂକ୍ରମଣ ଅକ୍ଟୋବର ୪ରେ ହୋଇଥିଲା। ପରଦିନ ଅର୍ଥାତ୍ ୫ରେ ଡାକ୍ତରୀ ଟିମ ଯାଇ ସ୍କୁଲ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କୁ ମଧ ପରୀକ୍ଷା କରାଯାଇଥିଲା। ଏ ନେଇ ଜିଲାପାଳ ଶୁଭମ୍ ସକସେନାଙ୍କୁ ଅବଗତ କରାଯାଇଥିଲା। ତାଙ୍କ ନିର୍ଦ୍ଦେଶରେ ସ୍କୁଲ ବନ୍ଦ କରିଦିଆଯାଇଥିଲା। ୫ ତାରିଖ ସନ୍ଧ୍ୟାରେ ଅଭିଭାବକମାନେ ପିଲାମାନଙ୍କୁ ନେଇଯାଇଥିଲେ। ପରେ ଆଜି ପର୍ଯ୍ୟନ୍ତ ସ୍କୁଲରେ କୋଭିଡ୍ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ନାହିଁ। ହେଲେ ୧୯ ତାରିଖରେ କିଭଳି ଭାବେ ପୁଣି ସଂକ୍ରମିତ ଚିହ୍ନଟ ହୋଇଥିବା ରିପୋର୍ଟ ଦିଆଯାଇଛି ତାହା ଆଶ୍ଚର୍ଯ୍ୟ କଥା ବୋଲି କହିଥିଲେ। ଅନ୍ୟପଟେ ସ୍କୁଲ କର୍ତ୍ତୃପକ୍ଷ ମଧ ଅନୁରୂପ ଭାବେ ଗଣମାଧମକୁ ବୟାନ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସରକାରୀ ୱେବ ସାଇଟ୍ କିମ୍ବା ଜିଲା ସଦର ଡାକ୍ତରଖାନାରୁ ପ୍ରଶାସନକୁ ଦିଆଯାଇଥିବା ରିପୋର୍ଟ ଆଧାର କରି ଗଣମାଧମକୁ ଦିଆଯାଇଥାଏ। ଜିଲା ସଦର ଡାକ୍ତରଖାନାରୁ ଦିଆଯାଇଥିବା ରିପୋର୍ଟରେ ୧୯ ଅକ୍ଟୋବରରେ ୧୬ ଜଣ ସଂକ୍ରମିତ ହୋଇଛନ୍ତି ଓ ସେଥି ମଧ୍ୟରୁ ୯ ଜଣ ସେଭେନହିଲ୍ସ ସ୍କୁଲର ଥିବା ଦର୍ଶାଯାଇଛି। ତେଣୁ କିଏ ସତ କହୁଛି ବା ସତ ଲୁଚାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଭିଡ ସଂକ୍ରମଣ ଯଦି ୪ ତାରିଖରେ ଜଣାପଡିଥିଲା ଜିଲା ସଦର ଡାକ୍ତରଖାନା ପକ୍ଷରୁ କିଭଳି ୧୯ ତାରିଖରେ ରିପୋର୍ଟ ପ୍ରକାଶ କରାଗଲା। ଶିକ୍ଷା ଅନୁଷ୍ଠାନ ଓ ସେଭେନହିଲ୍ସ ସ୍କୁଲ ବଦନାମ ହେବା ଆଶଙ୍କାରେ ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା ବୋଲି ଅଭିଯୋଗ ହେଉଛି। ତେଣୁ ଏହାର ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ଷ୍ଟାଡିୟମରେ ନିଆଁ ଜଳିବା ସୂଚନା ଥିଲା ଟର୍ନିଂ ପଏଣ୍ଟ

ବଲାଙ୍ଗୀର ଅଫିସ, ୨୦।୧୦

ମମିତା ମେହେର ଅପହରଣ ଅଭିଯୋଗ ପରେ ଗତ ୧୩ ତାରିଖରୁ ବଲାଙ୍ଗୀର ପୋଲିସ ଆକ୍ସନ ମୋଡ୍‌କୁ ଆସିଥିଲା। ତଦନ୍ତ ପ୍ରକ୍ରିୟାକୁ ପ୍ରଥମରୁ ହିଁ ତ୍ୱରାନ୍ୱିତ କରିଥିଲା। କିଛି ଦାୟିତ୍ୱବାନ୍ ବରିଷ୍ଠ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ୯ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ତଥ୍ୟ ଓ ଗୋଇନ୍ଦା ବିଭାଗରୁ ସୂଚନା ସଂଗ୍ରହ କରାଯାଇଥିଲା। ଏହି ସୂଚନା ସଂଗ୍ରହ ପ୍ରକ୍ରିୟାରେ ମହାଲିଙ୍ଗ ଗ୍ରାମରୁ ସବୁଠାରୁ ନିର୍ଭରଯୋଗ୍ୟ ଓ ଚାଞ୍ଚଲ୍ୟକର ସୂଚନା ମିଳିଥିଲା। ଗତ ୮ ତାରିଖ ରାତିରେ ନିର୍ମାଣାଧୀନ ଷ୍ଟାଡିୟମ ଭିତରେ କିଛି ସମୟ ପାଇଁ ନିଆଁ ଜଳିଥିବା ଏକ ସୂଚନା ପୋଲିସ ଅଧିକାରୀଙ୍କୁ ମିଳିଥିଲା। ଏତିକିମାତ୍ର ସୂଚନା ହିଁ ସମସ୍ତ ତଦନ୍ତ ପ୍ରକ୍ରିୟାରେ ଏକ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଏହିଠାରୁ ହିଁ ତଦନ୍ତର ଗତିପଥ ବଦଳି ଯାଇଥିଲା। ଏହାପରେ ଉକ୍ତ ଷ୍ଟାଡିୟମରେ ସ୍ଥାନ ଚିହ୍ନଟ କରାଯାଇ ଘେରାବନ୍ଦୀ କରାଯାଇଥିଲା। ଏଭଳି ସୂଚନା ମିଳିବା ପରେ ଉକ୍ତ ସ୍ଥାନ ଖୋଳିବାରୁ ସେଠାରୁ କେତେଖଣ୍ଡ ହାଡ, ପାଉଁଜି, ସୁନାଚେନ୍, ବ୍ୟାଗ୍, ପୋଡାକ୍ଷାର, ଅଧାପୋଡା କାର୍ଡବୋର୍ଡ ଓ ଟାୟାର ମିଳିଥିଲା। ଏହାହିଁ ଥିଲା ତଦନ୍ତର ଟର୍ନିଂ ପଏଣ୍ଟ। ଏଠାରୁ ହିଁ ମମିତାଙ୍କୁ ଗୋବିନ୍ଦ ମାରି ପୋଡି ପୋତି ଦେଇଥିବା ସନ୍ଦେହ ଘନୀଭୂତ ହୋଇଥିଲା।

### ୬୦ କି.ମି. ପରିଧିରେ ୭୦ ଘଣ୍ଟାର ସିସିଟିଭି ଫୁଟେଜ୍ ଯାଞ୍ଚ

ମମିତା ମେହେରଙ୍କ ଅପହରଣ ଅଭିଯୋଗ ପରେ ବଲାଙ୍ଗୀର ପୋଲିସ ମାମଲା ରୁଜୁ କରି ଗତ ୮ ତାରିଖରୁ ପ୍ରାୟ ୬୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରୁ ପ୍ରାୟ ୭୦ ଘଣ୍ଟାର ସିସିଟିଭି ଫୁଟେଜ୍ ଆଣି ଯାଞ୍ଚ କରିଥିଲା। ଡିଆଇଜି ଡା. ଦୀପକ କୁମାରଙ୍କ କହିବାନୁସାରେ ମମିତାଙ୍କୁ ଖୋଜିବା ପାଇଁ ଏହା ଏକ ବଡ଼ ଧରଣର ବୈଷୟିକ ଯାଞ୍ଚ ହୋଇଥିଲା। ସିସିଟିଭି ଯାଞ୍ଚରୁ ଚାନ୍ଦୋତରାରୁ ଏକ କାର୍ (ଓଡି୦୮କେ୧୦୦୨) ଯୋଗେ ଗୋବିନ୍ଦ ସାହୁ ମମିତାଙ୍କୁ ନେଇ ଭବାନୀପାଟଣା ଅଭିମୁଖେ ଯାଇଥିବା ସ୍ପଷ୍ଟ ହୋଇଥିଲା। ଭବାନୀପାଟଣା ସହରରେ ଗୋବିନ୍ଦ ଓ ମମିତା ବିଭିନ୍ନ ଦୋକାନକୁ ମାର୍କେଟିଂ ପାଇଁ ଯାଇଥିଲେ ଓ ବିଭିନ୍ନ ସାମଗ୍ରୀ କିଣିଥିଲେ। ଭବାନୀପାଟଣା ସହରରେ ବୁଲୁଥିବା ସିସିଟିଭି ଫୁଟେଜ୍‌ରେ ଗୋବିନ୍ଦ ଆଗେ ଚାଲୁଥିବାବେଳେ ମମିତା ଏକ ଜରି ବ୍ୟାଗ୍ ଧରି ପଛରେ ଯାଉଥିବା ଲକ୍ଷ୍ୟ କରାଯାଇଥିଲା। ଏହାପରେ ସେହି କାର୍‌ଟି ଭବାନୀପାଟଣାରୁ ବୋର୍ଡା ରାସ୍ତାଦେଇ ମହାଲିଙ୍ଗ ଯାଇଥିଲା। ଏହି ସିସିଟିଭି ଫୁଟେଜ୍‌ରୁ କାର୍‌ର ଗତିଅନୁମାନ କରାଯିବା ସହ କେଉଁ ପଏଣ୍ଟରେ କେତେ ସମୟ ଧରି ଗାଡି ଅଟକି ଥିବା ଅନୁମାନ କରାଯାଇଥିଲା। ସିସିଟିଭି ଫୁଟେଜ୍‌ର ଆକଳନ ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରାଯାଇଥିଲା।

# କମ୍ପାନୀ ବିରୋଧରେ ପଞ୍ଜୀକରଣ ଅଧିକାରୀଙ୍କୁ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୨୦।୧୦

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ରଘୁନାଥପାଲି ଫଂସିସ୍ କେମିକାଲ୍ କମ୍ପାନୀ ମାଲିକଙ୍କ ଅଗୋଚରରେ ଜମି ହାତେଇବା ପାଇଁ ପ୍ରୟାସ କରିଛି। ଏ ନେଇ ରଘୁନାଥପାଲି ଗ୍ରାମର ସବିତା ପ୍ରଧାନ ନାମ୍ନୀ ଜମିମାଲିକ ଜିଲା ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ରଘୁନାଥପାଲି ମୌଜା ଖାତା ନଂ୧୫୫ ଜମି ବୁଧୁ ପ୍ରଧାନ ଓ ରତନା ପ୍ରଧାନ ୨ଭାଇଙ୍କ ମାଲିକାନାରେ ରହିଛି। ରତନାଙ୍କ ନାତୁଣି ହିସାବରେ ସବିତା ଉତ୍ତରାଧିକାରୀ ରହିଛନ୍ତି। ତାଙ୍କ ଅଗୋଚରରେ ଫଂସିସ୍ କମ୍ପାନୀ କର୍ତ୍ତୃପକ୍ଷ ଉକ୍ତ ଜମିର କେତେକ ଅଂଶୀଦାରଙ୍କୁ ହାତକରି ଜମି ହାତେଇବା ପାଇଁ ପ୍ରୟାସ ଚଳାଇଛନ୍ତି। ଯଦି ଏହି ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ଅଂଶୀଦାରଙ୍କ ନିକଟରୁ ରେଜିଷ୍ଟ୍ରେଶନ କରି ନିଅନ୍ତି ଏହା ଆଇନ ଅନୁଯାୟୀ ଅସିଦ୍ଧ ହେବ। ଏହାର ଏକକିତା ନକଲ ସେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏନେଇ କମ୍ପାନୀ ଅଧିକାରୀ ରିତେଶ ବାବୁ କହିଛନ୍ତି, ଉକ୍ତ ଜମିର ଅଂଶୀଦାରମାନେ ତାଙ୍କ ଅଂଶର ଜମିକୁ କମ୍ପାନୀକୁ ବିକ୍ରି କରିବାପାଇଁ କହୁଛନ୍ତି। ହେଲେ ଜମିର ଅନ୍ୟ ଅଂଶୀଦାର ଏହାକୁ ବିରୋଧ କରୁଥିବା ଜଣାପଡିବା ପରେ କମ୍ପାନୀ ଆଉ ଏହାକୁ କିଣିବ ନାହିଁ ବୋଲି ନିଷ୍ପତ୍ତି ନେଇଛି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା ଭାଜପା ମହିଳା ମୋର୍ଚ୍ଚା

ଝାରସୁଗୁଡ଼ା ଅଫିସ,୨୦।୧୦

କଳାହାଣ୍ଡିର ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣାରେ ବୁଧବାର ଝାରସୁଗୁଡ଼ା ଜିଲା ଭାଜପା ମହିଳା ମୋର୍ଚ୍ଚା ତରଫରୁ ଏସ୍‌ପି ଅଫିସ ସମ୍ମୁଖରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରୀନା ପଟେଲଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍କୁଲ ମାଲିକ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ, ଏଥିରେ ସମ୍ପୃକ୍ତ ଥିବା ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ରଙ୍କ ବହିଷ୍କାର, ଘଟଣାର ସିବିଆଇ ତଦନ୍ତ ଦାବିକରି ସ୍ଲୋଗାନ ଦେଇଥିଲେ। ଏ ନେଇ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଭାଜପା ଜିଲାର ସମସ୍ତ ଥାନା ଘେରାଉ କରିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ଏଥିରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପଟେଲ, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, କିରଣବାଳ ନାୟକ, ଟିଙ୍କିନା ଧଳ, ମମତା ଦୀପ୍, ପ୍ରଭାସିନୀ ନାୟକ, ହେନା ରୂପାରେଲ, ସନ୍ତୋଷ କୌର, ମଞ୍ଜରୀ ପୃଷ୍ଟି, ନିରୂପମା ଦାସ, ସଞ୍ଜୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

**କୁଚିଣ୍ଡା,୨୦।୧୦(ଡି.ଏନ.ଏ.):** ବଲାଙ୍ଗୀରର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ କୁଚିଣ୍ଡା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହତ୍ୟାକାରୀଙ୍କୁ ମନ୍ତ୍ରୀ ମିଶ୍ର ସୁରକ୍ଷା ଦେଉଥିବାରୁ ଘଟଣାରୁ ପରଦା ଉଠିବାରେ ବିଳମ୍ବ ହୋଇଥିଲା। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ଦାବି କରାଯାଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ଲିଲିମା କାଲୋ, ଜିଲା ଉପସଭାନେତ୍ରୀ ଅନୁପମା ନାଏକ, ପୁଷ୍ପାଞ୍ଜଳି ପଟେଲ, ସୁରେଶରୀ ପଶାୟତ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ସାଧାରଣ ସମ୍ପାଦକ ସୁଶିଲ କର, ଜିଲା ପ୍ରବକ୍ତା ପିଙ୍କୁ ପାଣି, ନଗର ଉପସଭାପତି ମହେଶ ରାୟ, ନଗର ସାଧାରଣ ସମ୍ପାଦକ ପ୍ରାଣବନ୍ଧୁ ନାଥ ପ୍ରମୁଖ ଯୋଗଦେଇଥିଲେ।

# ବେଆଇନ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟକୁ ଶ୍ରମିକ ସଙ୍ଗଠନର ବିରୋଧ

ଝାରସୁଗୁଡ଼ା ଅଫିସ,୨୦।୧୦




ଏମ୍‌ସିଏଲ୍ ସିଡବ୍ଲ୍ୟୁଏସ୍ ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଗଠନର ଧାରଣା।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ସିଡବ୍ଲ୍ୟୁଏସ୍ ଜେନେରାଲ୍ ମ୍ୟାନେଜରଙ୍କ ବେଆଇନ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟକୁ ବିରୋଧକରି ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ଶ୍ରମିକ ସଙ୍ଗଠନ ତରଫରୁ ବୁଧବାର ଜିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଭାଗୀୟ ଅଧିକାରୀ ଅଲୋଚନା ପାଇଁ ଆସିଥିଲେ ମଧ ଆନ୍ଦୋଳନକାରୀ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କୌଣସି ଆଲୋଚନା କରାଯିବ ନାହିଁ ବୋଲି ଶୁଣାଇ ଦେଇଥିଲେ। ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ମଜଦୁର ସଂଘ କମ୍ପାନୀ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଆଗାମୀ ଦିନରେ କେନ୍ଦ୍ର କୋଇଲାମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବବୋଲି ଚେତାବନୀ ଦେଇଛି। ସକାଳ ସାଢେ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିଲା। ଏଥିରେ ଶ୍ରମିକନେତା ଅଜୟ ବିଶ୍ୱାଳ, ମହେଶ୍ୱର ମହନ୍ତ, ସୁଜିତ ଝା, ପ୍ରଦୀପ କରାଳୀ, ସନ୍ତୋଷ ପଣ୍ଡା, ବିଜେନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ନିୟମ ଅନୁଯାୟୀ କମ୍ପାନୀ ତରଫରୁ ଏକ ହାଉସ୍ କମିଟି ବୈଠକ କରାଯାଇ ଅନୁମୋଦନ ପରେ କର୍ମଚାରୀଙ୍କୁ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟ ହେବା କଥା। ଏହା ନ କରି ଜିଏମ୍ କର୍ମଚାରୀଙ୍କୁ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟ କରିଛନ୍ତି। ଏହା ଜଣାପଡିବା ପରେ ବିଏମ୍ଏସ୍ ଏହି ଆଲଟ୍‌ମେଣ୍ଟ ପ୍ରତ୍ୟାହାର ଦାବିନେଇ ସିଡବ୍ଲ୍ୟୁଏସ୍ ଜିଏମ୍‌ଙ୍କୁ ଗତ ୮ତାରିଖରେ ସ୍ମାରକପତ୍ର ପ୍ରଦାନ କରିଥିଲା। ଏହାର ଏକକିତା ନକଲ ଏମ୍‌ସିଏଲ୍ ନିର୍ଦ୍ଦେଶକ (ପର୍ସୋନେଲ), ସିଭିଓ, ରାଉଲକେଲା (ଆର୍‌ଏଲ୍‌ସି), ନାଗରପୁର ଏବିକେଏମ୍ଏସ୍ (ବିଏମ୍ଏସ୍) ଜେନେରାଲ ସେକ୍ରେଟାରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ପ୍ରତିକାର ନ ହେବାରୁ ବିଏମ୍ଏସ୍ ଶ୍ରମିକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲା।

**ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ**

ବୌଦ୍ଧ,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ହତ୍ୟା ଘଟଣାରେ ବୁଧବାର ବୌଦ୍ଧ ବସଷ୍ଟାଣ୍ଡ ପରିସରରେ ଏଆଇୱାଇଏଫ ବୌଦ୍ଧ ଶାଖା ପକ୍ଷରୁ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରି ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ପକ୍ଷରୁ ଜିଲା ସଭାପତି ସୁଧାଂଶୁ ପ୍ରଧାନ ଓ ସମ୍ପାଦକ ପ୍ରଦୀପ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଏଆଇୱାଇଏଫର ରାଜ୍ୟ ସମ୍ପାଦକ ଅବକାଶ ସାହୁ, ହିରଣ୍ୟ ଦାସ, ରନ ରଣବିତା. ଦିଲାପ କୁମାର ସାହୁଙ୍କ ସମେତ ଶତାଧିକ ସଭ୍ୟ ସାମିଲ ଥିଲେ ।

## ସଂକ୍ଷେପରେ

### ନୂଆପଡ଼ା, ଖଡ଼ିଆଳରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ନୂଆପଡ଼ା ଅଫିସ/ଖଡିଆଳ, ୨୦।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାରେ ବୁଧବାର ନୂଆପଡ଼ାଠାରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ନୂଆପଡା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ହୋମସିଂ ମାଝିଙ୍କ ନେତୃତ୍ୱରେ ନୂଆପଡା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଏକତା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖଡିଆଳଠାରେ ମଧ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତୋରାଇଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରୀକାନ୍ତ ପତି, ଭଗତସିଂ ଠାକୁର, ଦିଲୀପ ନିର୍ମଳକର, ସଦାନନ୍ଦ ଯୋଶୀ, ଥାନ ସିଂ ଠାକୁର, ଶତ୍ରୁଘନ ସ୍ୱାଇଁ, ଚନ୍ଦନ ଠାକୁର, ସୀମା ପାତ୍ର, ସୁଶୀମା ଶବର, ନେହାରିକା ଶବର, ଲତିକା ଲୋହାର, ଜାହ୍ନବୀ ରାଉତ, ଅନିତା ଶବର ପ୍ରମୁଖ ସାମିଲ ହୋଇ ଦୃଢ ନିନ୍ଦା କରିଥିଲେ।

### ନିରପେକ୍ଷ ତଦନ୍ତ ଦାବିରେ ବିକ୍ଷୋଭ, ପଦଯାତ୍ରା

ଡୁଙ୍ଗୁରିପାଲି,୨୦।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ବୁଧବାର ଭାଜପା ଡୁଙ୍ଗୁରିପାଲି ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଣ୍ଡଳ ସଭାପତି ନିତେଇ ପାଲଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଶିବମନ୍ଦିରଠାରୁ ପଦଯାତ୍ରା ବାହାରି ଡୁଙ୍ଗୁରିପାଲି ସହରର ବସଷ୍ଟାଣ୍ଡ ଛାରିଛକରେ ବିକ୍ଷୋଭ କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରି ଦଳୀୟ କର୍ମୀମାନେ ସ୍ଲୋଗାନ ଦେଇଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ସୁରେଶ ପ୍ରଧାନ, ବିକାଶ ଶତପଥୀ,ବସନ୍ତ କୁମାର ପତି, ସୁଦାମ ସାହୁ, ରାକେଶ ଭୋଇ, ବିଶାମ୍ବର ପ୍ରଧାନ, ଧବଳେଶ୍ୱର ସାହୁ, ପ୍ରକାଶ ସାହୁ, ଭାବଗ୍ରାହୀ ପାଣ୍ଡେ, ସହଦେବ ବାରିକ, ରୁପ ପଧାନ, ରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଥାନା ଘେରାଉ, ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଗୋଲାମୁଣ୍ଡା/କୋକସରା/ରୂପ୍ରାରୋଡ଼, ୨୦।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ନ୍ୟାୟ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବୁଧବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ଥାନା ଘେରାଉ କରାଯାଇଛି। ଏଥିରେ ଜିଲା ଯୁବ ମୋର୍ଚ୍ଚା ସଭାପତି ସାଉଲ ମଙ୍ଗରାଜ ନେତୃତ୍ୱରେ ମହାଲିଙ୍ଗଠାରୁ କେଗାଁ ଥାନା ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ପରେ ସେଠାରେ ଥାନା ଘେରାଉ କରାଯିବା ସହ ରାଜ୍ୟ ସରକାର ଓ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ କଂଗ୍ରେସ ନେତା ଦିଗାମ୍ବର ଦୁରିଆ, ପ୍ରଭାତ ଦାଶ, ଡାକେ ଲହଜଲ, ଲମ୍ବୁ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। କୋକସରା ବ୍ଲକ କଂଗ୍ରେସ ପକ୍ଷରୁ ଗୃହମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସ ଅଫିସରୁ ବାହାରି କୋକସରା ଥାନା ସମ୍ମୁଖରେ ନାରାବାଜି କରିଥିଲେ । ବିକ୍ଷୋଭ ଓ ପ୍ରତିବାଦରେ ବରିଷ୍ଠ ନେତା ନିମାଇଁ ଧଙ୍ଗଡା ମାଝି, କେଶବ ଚନ୍ଦ୍ର ନାଏକ, ମହେନ୍ଦ୍ର ଧରୁଆ, ଅରୁଣ ମାଝି, ଅଭିମନ୍ୟୁ ପଟ୍ଟନାୟକ, କ୍ଷିତିରାମ ପଟେଲ, ନାରିନେତ୍ରୀ ଫୁଲତୋଳା ଖମାରି, ମାଧୁରୀ ନିଆଲ ପ୍ରମୁଖ କର୍ମୀମାନେ ସାମିଲ ହୋଇଥିଲେ। ସେହିପରି ନର୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ସମୀର ଚାନ୍ଦଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ସୁଦାମ ପ୍ରଧାନ, ପ୍ରଦୀପ ପ୍ରଧାନ ସହ ଅନେକ କର୍ମୀ ନର୍ଲା କଲେଜ ଛକ ପର୍ଯ୍ୟନ୍ତ ଆସି ଗୃହ ରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ସହ ଘଟଣାର ଉଚିତ ନ୍ୟାୟ ଦାବି କରିଛନ୍ତି।

# ଷ୍ଟାଡିୟମରେ ନିଆଁ ଜଳିବା ସୂଚନା ଥିଲା ଟର୍ନିଂ ପଏଣ୍ଟ

ବଲାଙ୍ଗୀର ଅଫିସ, ୨୦।୧୦

ମମିତା ମେହେର ଅପହରଣ ଅଭିଯୋଗ ପରେ ଗତ ୧୩ ତାରିଖରୁ ବଲାଙ୍ଗୀର ପୋଲିସ ଆକ୍ସନ ମୋଡ଼କୁ ଆସିଥିଲା। ତଦନ୍ତ ପ୍ରକ୍ରିୟାକୁ ପ୍ରଥମରୁ ହିଁ ତ୍ୱରାନ୍ୱିତ କରିଥିଲା। କିଛି ଦାୟିତ୍ୱବାନ୍ ବରିଷ୍ଠ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ୯ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ତଥ୍ୟ ଓ ଗୋଇନ୍ଦା ବିଭାଗରୁ ସୂଚନା ସଂଗ୍ରହ କରାଯାଇଥିଲା। ଏହି ସୂଚନା ସଂଗ୍ରହ ପ୍ରକ୍ରିୟାରେ ମହାଲିଙ୍ଗ ଗ୍ରାମରୁ ସବୁଠାରୁ ନିର୍ଭରଯୋଗ୍ୟ ଓ ଚାଞ୍ଚଲ୍ୟକର ସୂଚନା ମିଳିଥିଲା। ଗତ ୮ ତାରିଖ ରାତିରେ ନିର୍ମାଣାଧୀନ ଷ୍ଟାଡିୟମ ଭିତରେ କିଛି ସମୟ ପାଇଁ ନିଆଁ ଜଳିଥିବା ଏକ ସୂଚନା ପୋଲିସ ଅଧିକାରୀଙ୍କୁ ମିଳିଥିଲା। ଏତିକିମାତ୍ର ସୂଚନା ହିଁ ସମସ୍ତ ତଦନ୍ତ ପ୍ରକ୍ରିୟାରେ ଏକ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଏହିଠାରୁ ହିଁ ତଦନ୍ତର ଗତିପଥ ବଦଳି ଯାଇଥିଲା। ଏହାପରେ ଉକ୍ତ ଷ୍ଟାଡିୟମରେ ସ୍ଥାନ ଚିହ୍ନଟ କରାଯାଇ ଘେରାବନ୍ଦୀ କରାଯାଇଥିଲା। ଏଭଳି ସୂଚନା ମିଳିବା ପରେ ଉକ୍ତ ସ୍ଥାନ ଖୋଳିବାରୁ ସେଠାରୁ କେତେଖଣ୍ଡ ହାଡ, ପାଉଁଜି, ସୁନାଚେନ୍, ବ୍ୟାଗ୍, ପୋଡାକ୍ଷାର,



ଉତ୍ତରାଞ୍ଚଳ ଡିଆଇଜି ଡା ଦୀପକ କୁମାର ଓ ଏସପି ନୀତିନ କୁଶଲକର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଅଧାପୋଡା କାର୍ଡବୋର୍ଡ ଓ ଟାୟାର ମିଳିଥିଲା। ଏହାହିଁ ଥିଲା ତଦନ୍ତର ଟର୍ନିଂ ପଏଣ୍ଟ। ଏଠାରୁ ହିଁ ମମିତାଙ୍କୁ ଗୋବିନ୍ଦ ମାରି ପୋଡି ପୋତି ଦେଇଥିବା ସନ୍ଦେହ ଘନୀଭୂତ ହୋଇଥିଲା।

### ୭୦ କି.ମି. ପରିଧିରେ ୭୦ ଘଣ୍ଟାର ସିସିଟିଭି ଫୁଟେଜ୍ ଯାଞ୍ଚ

ମମିତା ମେହେରଙ୍କ ଅପହରଣ ଅଭିଯୋଗ ପରେ ବଲାଙ୍ଗୀର ପୋଲିସ ମାମଲା ରୁଜୁ କରି ଗତ ୮ତାରିଖରୁ ପ୍ରାୟ ୬୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରୁ ପ୍ରାୟ ୭୦ ଘଣ୍ଟାର ସିସିଟିଭି ଫୁଟେଜ୍ ଆଣି ଯାଞ୍ଚ କରିଥିଲା। ଡିଆଇଜି ଡା. ଦୀପକ କୁମାରଙ୍କ କହିବାନୁସାରେ ମମିତାଙ୍କୁ ଖୋଜିବା ପାଇଁ ଏହା ଏକ ବଡ଼ ଧରଣର ବୈଷୟିକ ଯାଞ୍ଚ ହୋଇଥିଲା। ସିସିଟିଭି ଯାଞ୍ଚରୁ ଚାନ୍ଦୋତରାରୁ ଏକ କାର୍ (ଓଡି୦୮କେ୧୦୦୨) ଯୋଗେ ଗୋବିନ୍ଦ ସାହୁ ମମିତାଙ୍କୁ ନେଇ ଭବାନୀପାଟଣା ଅଭିମୁଖେ ଯାଉଥିବା ସ୍ପଷ୍ଟ ହୋଇଥିଲା। ଭବାନୀପାଟଣା ସହରରେ ଗୋବିନ୍ଦ ଓ ମମିତା ବିଭିନ୍ନ ଦୋକାନକୁ ମାର୍କେଟିଂ ପାଇଁ ଯାଇଥିଲେ ଓ ବିଭିନ୍ନ ସାମଗ୍ରୀ କିଣିଥିଲେ। ଭବାନୀପାଟଣା ସହରରେ ବୁଲୁଥିବା ସିସିଟିଭି ଫୁଟେଜ୍‌ରେ ଗୋବିନ୍ଦ ଆଗେ ଚାଲୁଥିବାବେଳେ ମମିତା ଏକ ଜରି ବ୍ୟାଗ୍ ଧରି ପଛରେ ଯାଉଥିବା ଲକ୍ଷ୍ୟ କରାଯାଇଥିଲା । ଏହାପରେ ସେହି କାର୍‌ଟି ଭବାନୀପାଟଣାରୁ ବୋର୍ଡା ରାସ୍ତାଦେଇ ମହାଲିଙ୍ଗ ଯାଇଥିଲା। ଏହି ସିସିଟିଭି ଫୁଟେଜ୍‌ରୁ କାର୍‌ର ଗତି ଅନୁମାନ କରାଯିବା ସହ କେଉଁ ପଏଣ୍ଟରେ କେତେ ସମୟ ଧରି ଗାଡି ଅଟକି ଥିବା ଅନୁମାନ କରାଯାଇଥିଲା। ସିସିଟିଭି ଫୁଟେଜ୍‌ର ଆକଳନ ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଗଠନ କରାଯାଇଥିଲା।

### ରିମାଣ୍ଡରେ ଆଣି ଗୋବିନ୍ଦଙ୍କୁ ଜେରା

ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟରୁ ୫ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ପାଇବା ପରେ ଗୋବିନ୍ଦଙ୍କୁ ବଲାଙ୍ଗୀର ଏସ୍‌ପି ଅଫିସକୁ ଅଣାଯାଇ ଜେରା ଆରମ୍ଭ କରାଯାଇଛି। ଡିଆଇଜି ଡା ଦୀପକ କୁମାର ଏବଂ ଏସ୍‌ପି ନୀତିନ କୁଶଲକରଙ୍କ ନେତୃତ୍ୱରେ ଏହି ପଚରାଉଚରା ଜାରି ରହିଛି।

## ଭାଜପାର ଏସ୍‌ପି ଅଫିସ ଘେରାଉ, ପୋଲିସ ସହ ଧସ୍ତାଧସ୍ତି




ଭାଜପା ପକ୍ଷରୁ ବଲାଙ୍ଗୀର ଏସପି ଅଫିସ ଘେରାଉ କରାଯାଇଛି।

ବଲାଙ୍ଗୀର ଅଫିସ, ୨୦।୧୦

ମମିତା ମେହେର ହତ୍ୟା ଘଟଣାରେ ବୁଧବାର ଭାଜପା ପକ୍ଷରୁ ବଲାଙ୍ଗୀର ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ମମିତାଙ୍କୁ ନ୍ୟାୟ ଓ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳୀରୁ ବହିଷ୍କାର କରିବାକୁ ଦାବି କରାଯାଇଥିଲା। ଏଥିରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାର ସିଂଦେଓ, ରାଜ୍ୟ ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଉପସଭାନେତ୍ରୀ କସ୍ତୁରୀ ମିଶ୍ର, ନିରୋଜ ନଳିନୀ ମହାଲିକ, ସମ୍ପାଦିକା ଇତିଶ୍ରୀ ଜେନା, ରାଜ୍ୟ ମହିଳା ମିଡିଆ ସଂଯୋଜିକା ସୁଚରିତା ଜେନାମଣିଙ୍କ ସହ ଅନନ୍ତ ଦାଶ, ଗୋପାଜୀ ପାଣିଗ୍ରାହୀ, ଫିରୋଜା ବିବି, ଦିନେଶ ଶର୍ମା, ରଶ୍ମିରେଖା ଦାନୀ, ଶ୍ରେଳବାଳା ବାଗ ପ୍ରମୁଖ ଯୋଗଦାନ କରିଥିଲେ। ଏସପି ଅଫିସ ଘେରାଉ ବେଳେ ଭାଜପା କର୍ମୀମାନେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ ସହ ସ୍ଥାନୀୟ ଏମ୍‌ପି ସିଂଦେଓ ଏସ୍‌ପି ଅଫିସରେ ଉତ୍ତରାଞ୍ଚଳ ଡିଆଇଜି ଡ ଦୀପକ କୁମାର, ଏସ୍‌ପି ନୀତିନ କୁଶଲକରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଏହାପରେ ସ୍ଥାନୀୟ ସାଂସଦ ଏବଂ ମହିଳା ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ଝରଣୀ ଯାଇ ପୀଡିତା ମମିତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ।

## ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ଇସ୍ତଫା ଦେବାକୁ ପରାମର୍ଶ ଦେଲେ
## ତଦନ୍ତକାରୀ ଏଜେନ୍ସି ନିଯୁକ୍ତ ହେଉ: ନରସିଂହ

ବଲାଙ୍ଗୀର ଅଫିସ, ୨୦।୧୦

ମମିତା ମେହେର ହତ୍ୟା ଘଟଣାରେ ବୁଧବାର ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୃତା ମମିତା ମେହେରଙ୍କ ଝରଣୀସ୍ଥିତ ଘରକୁ ଯାଇ ତାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ମମିତାଙ୍କ ମା' ବାପା ଓ ବଡବାପାଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ବିଧାୟକ ମିଶ୍ର କହିଥିଲେ ଯେ, ତାଙ୍କର ପ୍ରଥମ ଉପଦେଶ ହେବ ଯେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର



ବିଧାୟକ ନରସିଂହ ମିଶ୍ର ମୃତା ମମିତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଉଛନ୍ତି।

ଇସ୍ତଫା ଦେଇଦେବା ଉଚିତ । କାରଣ ସେ ପଦବୀରେ ଥିଲେ କୌଣସି ବି ପୋଲିସ ନିରପେକ୍ଷ ତଦନ୍ତ କରିପାରିବ ନାହିଁ । ଏହି ହତ୍ୟାକାଣ୍ଡର ଅନୁସନ୍ଧାନ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କ ତଦାରଖରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଅନୁସନ୍ଧାନ କରିବା ଉଚିତ ବୋଲି ବ୍ୟକ୍ତିଗତ ମତ ଦେଉଥିବା କହିଥିଲେ। ଏହି ହତ୍ୟାକାଣ୍ଡର ତଦନ୍ତକାରୀ ସଂସ୍ଥା କିଏ ହେବ ତାହା ମୃତକଙ୍କ ପରିବାରବର୍ଗଙ୍କ ଇଚ୍ଛା ଓ ଭରସା ଉପରେ ପର୍ଯ୍ୟବେଶିତ ହେବା ଦରକାର ବୋଲି ସେ କହିଛନ୍ତି। ଏହି ଗସ୍ତରେ ତାଙ୍କ ସହ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଦସ୍ୟ ଉମାଶଙ୍କର ପଣ୍ଡା, ସୁଧାଂଶୁ ଦାଶ, ବରିଷ୍ଠ କଂଗ୍ରେସ ନେତା ଅନୀଲ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ଼



ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ ଓ ଅଣ୍ଡାମାଡ଼ କରାଯାଉଛି।

ଭବାନୀପାଟଣା,୨୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣା ନେଇ ବୁଧବାର ଜିଲା ଭାଜପା ପକ୍ଷରୁ କଳାହାଣ୍ଡି ବନ୍ଦ ପାଳନ କରାଯାଇଛି। ଏପରିସ୍ଥଳେ ଭବାନୀପାଟଣାସ୍ଥିତ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ବାସଭବନକୁ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଣ୍ଡା ମାଡ଼ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ମିଶ୍ର ଓ ବିଜେଡି ବିରୋଧରେ ବିଭିନ୍ନ ନାରାବାଜି କରାଯିବା ସହ ଫାଟକକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ। ଫାଟକ ପଛରେ ପୋଲିସ ମୁତୟନ ଥିବାରୁ ସେମାନେ ପଶି ନ ପାରି ଚାଲିଆସିଥିଲେ।

## ବନ୍ଦ ପାଳନ ବେଳେ ଭାଜପା-ବିଜେଡି କଥା କଟାକଟି

ଭବାନୀପାଟଣା,୨୦।୧୦(ସ୍ୱ.ପ୍ର.): ଭବାନୀପାଟଣା ନକଟିଗୁଡା ଛକଠାରେ ଭାଜପା ପକ୍ଷରୁ ବନ୍ଦ ପାଳନ ଚାଲିଥିବାବେଳେ ହଠାତ୍ ବାଇକ୍‌ରେ କେତେଜଣ ବିଜେଡି କର୍ମୀ ମାରଣାସ୍ତ୍ର ଧରି ଆସି ଏହାକୁ ଭଣ୍ଡୁର କରିବାକୁ ଚାହୁଁଥିଲେ। କିନ୍ତୁ ସେମାନେ ସଫଳ ହୋଇ ନ ଥିବା ଯୋଗୁ ଉଭୟ ଦଳ ମଧ୍ୟରେ କଥା କଟାକଟି ହୋଇଥିବା ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କଠାରୁ ଜଣାପଡିଛି। ଏପରିକି ଜିଲା ମହିଳା ସଭାନେତ୍ରୀ ନିରୂପମା ନାଏକଙ୍କୁ କେତେଜଣ ବିଜେଡି କର୍ମୀ ଜାତିଆଣ ଆପେକ୍ଷ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ଟାଉନ ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମୟରେ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଉପସ୍ଥିତ ଥିଲେ।



ଭବାନୀପାଟଣା ଟାଉନ ଥାନାକୁ ଜିଲା ସଭାନେତ୍ରୀ ଅଭିଯୋଗ କରିବା ପାଇଁ ଆସିଛନ୍ତି।

# ସିବିଆଇ ତଦନ୍ତ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି

ଜୁନାଗଡ/ଗୋଲାମୁଣ୍ଡା/ ଧର୍ମଗଡ/ କୋକସର/ ମ.ରାମପୁର/ କେସିଙ୍ଗା/ରୂପ୍ରାରୋଡ଼/ଲାଞ୍ଜିଗଡ଼, ୨୦।୧୦(ଡି.ଏନ୍.ଏ)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ, ପରିବାରକୁ ନ୍ୟାୟ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବୁଧବାର ଭାଜପା ପକ୍ଷରୁ କଳାହାଣ୍ଡି ବନ୍ଦ ପାଳନ କରାଯାଇଛି। ଜୁନାଗଡ ହାତ୍ରୀବ୍ରିଜଠାରେ ଭାଜପା ପକ୍ଷରୁ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଆଟିଗାଁ ମଣ୍ଡଳ ସଭାପତି ଭବାନୀ ଠାକୁର, ଜିଲା ସମ୍ପାଦକ ଦିବ୍ୟ ଦୀପ, ଜୁନାଗଡ ନଗର ସଭାପତି ଶିବରାମ ରାଉତ, ଜିଲା ମିଡିଆ ସେଲ ସଂଯୋଜକ ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଗୋଲାମୁଣ୍ଡାଠାରେ ଜିଲା ସଭାନେତ୍ରୀ ନିରୁପମା ନାଏକ, ଗୋଲାମୁଣ୍ଡା ଜୋନ୍ ଜିଲା ପରିଷଦ ସଭ୍ୟ ବୃଷଭ ନାଏକ, ସ୍ଥାନୀୟ ମଣ୍ଡଳ ସଭାପତି ପ୍ରଦୀପ ପଣ୍ଡାଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଧର୍ମଗଡ ଚାରିଛକଠାରେ ରାସ୍ତାରୋକୋ କରାଯାଇଥିଲା। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଅପ୍ରେଶ ସ୍ୱାଇଁ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଟିପିଗୁଡା ମଣ୍ଡଳ ସଭାପତି ବିଭୁଦତ୍ତ ପ୍ରଧାନୀ, ସାଧାରଣ ସମ୍ପାଦକ ଲଳିତ ବାଗ, ଜୟଶଙ୍କର ମୁଣ୍ଡ, ହରେକୃଷ୍ଣ ପଣ୍ଡା, ମଣିନ୍ଦ୍ର ପାତ୍ର ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

କୋକସରାଠାରେ ଭାଜପା କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଦେବା ସହ ଗୃହମନ୍ତ୍ରୀଙ୍କୁ ଇସ୍ତାଫା ଦାବି କରିଛନ୍ତି। ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିବାଦରେ ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀ, ମଣ୍ଡଳ ସଭାପତି ତ୍ରିନାଥ ବାଗ, ସମ୍ପାଦକ ତ୍ରିନାଥ ଶବର, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ନରେନ୍ଦ୍ର ପ୍ରଧାନୀ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, କେଶରୀ ନାଏକ, ମହିଳା ନେତ୍ରୀ ହେମାଙ୍ଗିନି ହଂସ, କୁନ୍ତି ପାଲ ପ୍ରମୁଖ ସାମିଲ ହୋଇଥିଲେ ।

ମ.ରାମପୁରଠାରେ ଭାଜପା ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ରଣା, ଖୁସିରାମ ସାହୁ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଯାଜ୍ଞସେନ ପଣ୍ଡା, ପୂର୍ବତନ ବ୍ଲକ ସଭାପତି ଅମ୍ବିକା ପ୍ରସାଦ ବୈଠାରୁ, ମୋହନଗିରି ମଣ୍ଡଳ ସମ୍ପାଦକ ଖ୍ରୀଷ୍ଟଦତ ରଉତ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ମ.ରାମପୁର ଚାରିଛକଠାରେ ରାସ୍ତା ଅବରୋଧ କରିଥିଲେ। ଚାରିଛକ ଚାରିପଟେ ଶତାଧିକ ଗାଡି ଓ ଯାନବାହନ ଅଟକି ରହିଛି।

କେସିଙ୍ଗାଠାରେ ଜିଲା ପରିଷଦ ଅଧକ୍ଷ ନମିତା ରାଣୀ ସାହୁ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟା ସରିତା ସିନ୍ଧୁର, ନଗର ପ୍ରତିନିଧି ମଗନସିନ୍ଧୁର, ଜିଲା ସଂଯୋଜକ ସନ୍ତୋଷ କୁମାର ଦାଶ, ନଗର ଯୁବ ମୋର୍ଚ୍ଚା ସଭାପତି ପିଙ୍କୁ ପରିଡା ପ୍ରମୁଖ ଶତାଧିକ କର୍ମୀ ଏହି ସାମିଲ ହୋଇଥିଲେ। କେସିଙ୍ଗା ସହର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସକାଳୁ ସମସ୍ତ ବସ, ଟ୍ରକ, ଯାନବାହନ, ଦୋକାନ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା।

ନର୍ଲା ମଣ୍ଡଳ ଭାଜପା ସଭାପତି ପଦ୍ମଲୋଚନ ଜାଲଙ୍କ ନେତୃତ୍ୱରେ ନର୍ଲା ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ଜିଲା ଉପସଭାପତି ଅନିରୁଦ୍ଧ ପଧାନ, ଦିଗାମ୍ବର ପୂଝାରୀ, ବିଷ୍ଣୁ ଚରଣ ବଡ଼ପଣ୍ଡା ପ୍ରମୁଖ ସହ ଶତାଧିକ କର୍ମୀ ଯୋଗଦେଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ମମିତା ମେହେର ପରିବାର ଲୋକଙ୍କୁ ଉଚିତ ନ୍ୟାୟ ଦାବି ପାଇଁ ସିବିଆଇ ତଦନ୍ତ କରାଯାଉ ବୋଲି ନାରା ଦେଇଥିଲେ।

ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଭାଜପା କର୍ମୀମାନେ ମୁଖ୍ୟ ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପ୍ରତିନିଧି ତୁଳସୀ ମାଝି, ବିଶ୍ୱନାଥପୁର ମଣ୍ଡଳ ସଭାପତି ବିରଞ୍ଚି ପ୍ରଧାନୀ, ଲାଞ୍ଜିଗଡ଼ ମଣ୍ଡଳ ସଭାପତି ଭାଗିରଥି ଧଙ୍ଗଡାମାଝି, ଲାଞ୍ଜିଗଡ଼ ମଣ୍ଡଳ ସମ୍ପାଦକ ନରେନ୍ଦ୍ର ବେହେରା, ବିଶ୍ୱନାଥପୁର ମଣ୍ଡଳ ସମ୍ପାଦକ ମଧୁସୂଦନ ବାଗଙ୍କ ସମେତ ଅନ୍ୟ କର୍ମୀମାନେ ସାମିଲ ହୋଇଥିଲେ।



କେସିଙ୍ଗାଠାରେ ଭାଜପା କର୍ମୀମାନେ ରାସ୍ତାରୋକୋ କରିଛନ୍ତି।



ଭାଜପାର ଜିଲା ବନ୍ଦ ପାଳନ ଅବସରରେ ମ.ରମପୁରଠାରେ ରାସ୍ତାଘାଟ ଶୂନ୍‌ଶାନ।

### ମମିତା ମେହେରଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି

ସୋନପୁର,୨୦।୧୦(ନି.ପ୍ର.)

କଳାହାଣ୍ଡି ଜିଲା ଗୋଲମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରିଛି । ତେବେ ଅଭିଯୁକ୍ତ ଗୋବିନ୍ଦ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅତି ଖାସ ଲୋକ ବୋଲି କୁହାଯାଉଛି । ଏଥିପାଇଁ ମମିତାଙ୍କ ପରିବାର ଲୋକେ ମଧ୍ୟ ପରୋକ୍ଷରେ ମନ୍ତ୍ରୀଙ୍କୁ ଦାୟୀ କରୁଛନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବର୍ତ୍ତନ ପକ୍ଷରୁ ଦାବି ହୋଇଛି। ସଙ୍ଗଠନ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ୭ ଦଫା ଦାବି ସମ୍ବଳିତ ସ୍ୱାରକପତ୍ର ପ୍ରଦାନ କରାଯାଇଛି । ଅଭିଯୁକ୍ତ ଗୋବିନ୍ଦଙ୍କ ସହିତ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଉଭୟ ମନ୍ତ୍ରୀ ଏକାଧିକ ଥର ଉକ୍ତ କଲେଜକୁ ଯାଇଛନ୍ତି । ତେଣୁ ଅଭିଯୁକ୍ତଙ୍କ ସହିତ ମନ୍ତ୍ରୀ ଦ୍ୱୟଙ୍କ ସମ୍ପର୍କରେ ତଦନ୍ତ ପାଇଁ ଦାବି କରାଯାଇଛି । ବଳଦେବ ପ୍ରସାଦ ବେଦ୍‌ବାକ, ବ୍ୟାସଦେବ ମିଶ୍ର, ଶ୍ରଦ୍ଧାଞ୍ଜଳୀ ମିଶ୍ର, ବାପି ଦାଶ, ବିଭୁଦତ୍ତ ମହାପାତ୍ର, ଆଲୋକ ମଲ୍ଲିକ ଓ କେଶବ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ପୋଖରୀରେ ଭାଙ୍ଗିପଡ଼ିଥିବା ଗଛ ଉଠୁନି

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ରାମମନ୍ଦିର ନିକଟରେ ଥିବା ନୂଆବନ୍ଧ(ପୋଖରୀରେ) ଏକ ବଡ ଗଛ ଦୀର୍ଘ ମାସ ହେଲା ପଡିରହିଛି । ଫଳରେ ଉକ୍ତ ଘାଟରେ ସ୍ନାନ କରିବା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘମାସ ହେଲ ଜଳାଶୟରେ ଏକ ବଡଗଛ ଉପୁଡି ପଡିଛି। ପଞ୍ଚାୟତ ପକ୍ଷରୁ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ରାଜ ରାଜେଶ୍ୱରୀ ବେଶ



ବରଗଡ଼ ଅଫିସ୍,୨୦।୧୦: ଶାରଦୀୟ ପୂଜନୋତ୍ସବରେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିର ଉତ୍ସବ ମୁଖର ହୋଇ ପଡ଼ିଛି। ବୁଧବାର ସକାଳୁ ଦେବୀ ସମଲେଶ୍ୱରୀ ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ। ରାତ୍ରିରେ ବଇଲ ପର୍ବ ଅନୁଷ୍ଠିତ ହୋଇଥିଲା ।

### ସଇଁତଳାରେ ଗଜଲକ୍ଷ୍ମୀଙ୍କ ପୂଜା

ସଇଁତଳା,୨୦।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକଛକସ୍ଥିତ ମାଁ ଗଜଲକ୍ଷ୍ମୀ ମଣ୍ଡପରେ କଳସ ଯାତ୍ରା ସହ ପୂଜୋନତ୍ସବ ଆରମ୍ଭ ହୋଇଛି । ମହିଳାମାନେ ନିକଟସ୍ଥ ପୋଖରୀରୁ ପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପୂଜାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ତପନ କୁମାର ଦାଶ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ତିନିଦିନ ଧରି ପୂଜା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ପରମେଶ୍ୱର କର୍ମୀ କହିଛନ୍ତି।

### ଲୋଇସିଂହା: ବିଭିନ୍ନ ସ୍ଥାନରେ ସମଲେଇ ଯାତ୍ରା

ଲୋଇସିଂହା,୨୦।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟେନପାଲି ସପ୍ତାହିକ ବଜାରରେ ଥିବା ସମଲେଇ ପୀଠରେ ବୁଧବାର ଆଶ୍ୱୀନ ପୂର୍ଣ୍ଣିମା ବା ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ପୂଜାର ମୁଖ୍ୟ ଦେହୁରୀ ଫାଲଗୁନୀ କାଲସାଏ ଛତର ବଇରଗକୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ମଙ୍ଗଳବାର ଉପବାସ ପୂଜା ପୀଠରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଦେହୁରୀ, ସହଯୋଗୀ କର୍ପୁଚନ ବିଶି, ରାଧାକାନ୍ତ ଜୁଏଡ ଓ ବରୁଆମାନେ ଉପସ୍ଥିତ ଥିଲେ । ସେହିପରି ହୀରାପୁର ପଞ୍ଚାୟତର ମାଣ୍ଡିଆପଦର ଗ୍ରାମ ଖେଳପଡିଆ ନିକଟରେ ଯାଦବ ସମାଜ ପକ୍ଷରୁ ଅନୁଷ୍ଠିତ ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାହାକା ପାଣ୍ଡେ ପୂଜାର୍ଚ୍ଚନା କରିଥିବାବେଳେ ବରୁଆ ଥିଲେ ଗଣ୍ଡାରାମ ଯାଦବ । ସେହିପର ବୁଢ଼ୀପଦର ପଞ୍ଚାୟତର ବନଛୋରପାଲିଠାରେ ମଧ୍ୟ ସମଲେଇ ଯାତ୍ରା ସମ୍ପନ୍ନ ହୋଇଯାଇଛି ।

### ଛାତ୍ର କଂଗ୍ରେସର ଆନ୍ଦୋଳନ

ଅତାବିରା,୨୦।୧୦(ଡି.ଏନ.ଏ): କଳାହାଣ୍ଡି ଜିଲା ଗୋଲମୁଣ୍ଡାସ୍ଥିତ ମହାଲିଙ୍ଗର ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେରଙ୍କୁ ଅପହରଣ, ହତ୍ୟା ଘଟଣାକୁ ନେଇ ବୁଧବାର ବରଗଡ଼ ଜିଲା ଅତାବିରାରେ ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ, ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ ଓ ଗିରଫ ଦାବି କରିଥିଲେ । ଏହା ସହିତ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ର ଏବଂ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଉଦେଶ ପ୍ରଧାନ, ଭୋଲା ଜୁଆଡ଼ି, ମହମ୍ମଦ ନୱାଜ, ରମେଶ ପର୍ଡ଼ିଆ, କିଶନ ସିଂ, ବିକି ପ୍ରଧାନ, ନିମାଇଁ ଜୁଆଡ଼ି ପ୍ରମୁଖ ଏଥିରେ ସାମିଲ ଥିଲେ ।

### ୩୨୪ ବୋତଲ କଫ ସିରପ ଜବତ୍, ଜଣେ ଗିରଫ

ବରଗଡ଼ ଅଫିସ୍,୨୦।୧୦: ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ପାତିକାର ପଡ଼ାରେ ଚଢ଼ାଉ କରି ବୁଧବାର ଅବକାରୀ ଗୁଇନ୍ଦା ବିଭାଗ ବିପୁଳ ପରିମାଣରେ କଫ ସିରପ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପାତିକାରପଡ଼ାର ରଞ୍ଜିତ ପାତିକାର(୨୬) । ତାଙ୍କ ପାଖରୁ ୩୨୪ ବୋତଲ କଫ ସିରପ ବୋତଲ ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା(୧୮୮/୨୧) ରୁଜୁ କରିଛି। ସମ୍ବଲପୁର ଅବକାରୀ ଉପଯ୍ୟାୟୁକ୍ତ ଡମ୍ବରୁଧର ଖଣ୍ଡା, ବରଗଡ଼ ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ଏହି ଚଢ଼ାଉ କରିଥିଲେ।

# ଜଙ୍ଗଲରୁ ଉଦ୍ଧାର ହେଲେ ବୃଦ୍ଧ

ବରଗଡ଼ ଅଫିସ୍,୨୦।୧୦

- ସାମାଜିକ ବାସନ୍ଦର ଶିକାର ହୋଇଥିଲେ
- ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କଲା ସ୍ୱେଚ୍ଛାସେବୀ ସଂଗଠନ

ଅନ୍ଧବିଶ୍ୱାସ, ସାମାଜିକ ବାସନ୍ଦ ଭଳି କୁସଂସ୍କାର ଏପର୍ଯ୍ୟନ୍ତ ଦୂରୀଭୂତ ହୋଇନାହିଁ। ଏଭଳି କୁସଂସ୍କାର ଯୋଗୁ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଗ୍ରାମର ହରି ବରିହା(୬୦)ଙ୍କୁ ସାମାଜିକ ବାସନ୍ଦର ସମ୍ମୁଖୀନ ହେବାକୁ ପଡ଼ିଛି। କେବଳ ସେତିକି ନୁହେଁ ଦୀର୍ଘ ତିନିମାସ ହେଲା ହରିଙ୍କୁ ଘଞ୍ଚ ଜଙ୍ଗଲର ଏକ ଝାଟିମାଟି କୁଡ଼ିଆରେ ଏକାକୀ ଜୀବନ ଅତିବାହିତ କରିବାକୁ ପଡ଼ିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି।

ଗରୀବ ଶ୍ରେଣୀର ହରି ୨୦ବର୍ଷ ତଳେ କର୍କଟ ରୋଗାକ୍ରାନ୍ତ ସ୍ତ୍ରୀ ବସନ୍ତଙ୍କୁ ହରାଇଥିଲେ। ସେତେବେଳେ ପୁଅ ପ୍ରଶାନ୍ତଙ୍କୁ ୪ବର୍ଷ ହେଉଥିଲା। ପିଲାବେଳୁ ପୁଅର ଲାଳନପାଳନ କରିଥିଲେ। ପାଠ ପଢ଼ାଇଥିଲେ। ତେବେ ଅର୍ଥାଭାବ ଯୋଗୁ ପ୍ରଶାନ୍ତ ଯୁକ୍ତତିନି ଶେଷବର୍ଷ ପରୀକ୍ଷା



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଉଦ୍ଧାର ବୃଦ୍ଧଙ୍କ ଚିକିତ୍ସା ଚାଲିଛି।

ଦେଇ ପାରି ନଥିଲେ। ପ୍ରଶାନ୍ତ ଗ୍ରାମରେ ଜଣେ ଖବରକାଗଜ ବିତରକଭାବେ କାମ କରନ୍ତି। ସେଥିରୁ ଯାହା ରୋଜଗାର ହେଉଥିଲା ସେଥିରେ ବାପପୁଅ ଗୁଜୁରାଣ ମେଣ୍ଟାଉଥିଲେ। ଗତ ଜୁଲାଇ ମାସ ୮ତାରିଖରେ ହରିଙ୍କ ଡାହାଣ ଗୋଡ଼କୁ ଏକ ବୁଲା କୁକୁର କାମୁଡ଼ି ଦେଇଥିଲା। ଏହାପରେ ପ୍ରଶାନ୍ତ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଆଣି ଚିକିତ୍ସା ସହ ପ୍ରତିଷେଧକ ଟୀକା ଦେଇଥିଲେ। କିନ୍ତୁ ଶେଷ ପର୍ଯ୍ୟାୟ ଟୀକା ନେଇ ନ ଥିବାବେଳେ କୁକୁର କାମୁଡ଼ିଥିବା ଗୋଡ଼ରେ ଘା ହୋଇ ଗୁରୁତର ଆକ୍ରାନ୍ତ ହୋଇଥିଲା। ପ୍ରଶାନ୍ତ ତାଙ୍କୁ ବୁର୍ଲା ଭିମସାରରେ ୬ଦିନ ଭର୍ତ୍ତି କରି ଚିକିତ୍ସା କରିଥିଲେ। ସେଠାରୁ ଡିସଚାର୍ଜ ହୋଇ ଫେରିବା ପରେ ମଧ୍ୟ ଘା ଭଲ ହୋଇ ନ ଥିଲା। ପଚିଯାଇ ସେଠାରେ କୀଟ, ପୋକ ହୋଇଯାଇଥିଲା। ପଡ଼ାବାସୀ ତାହା ଦେଖି ଜାତିକଥା ଉଠାଇବା ସହିତ ହରିଙ୍କୁ ସାମାଜିକ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବାପାଙ୍କୁ ଅନ୍ୟ କେଉଁ ଦୂରସ୍ଥାନରେ ରଖିବାକୁ କହିଥିଲେ। ଅନ୍ୟନୋପାୟ ହୋଇ ଗାଁଠାରୁ ୪କି.ମି ଦୂର ଜଙ୍ଗଲ ଅଞ୍ଚଳରେ ରହିଥିବା ନିଜ କ୍ଷେତରେ କୁଡ଼ିଆ କରି ସେଠାରେ ବାପାଙ୍କୁ ରଖିବାକୁ ବାଧ୍ୟ ହୋଇଥିଲେ ବୋଲି ପ୍ରଶାନ୍ତ କହିଛନ୍ତି। କଥା ସେତିକିରେ ସରି ନ ଥିଲା। ସେମାନେ ବିଞ୍ଝାଲ ଜାତିରୁ ହୋଇଥିବା ଯୋଗୁ ମେଣ୍ଢା, କୁକୁଡ଼ା ସହିତ ଭୋଜିଭାତ ଦେବାକୁ କହିଥିଲେ। ଫଳରେ ଧାର, କରଜ କରି ପ୍ରାୟ ୧୮ହଜାର ଟଙ୍କା ଖର୍ଚ୍ଚ କରି ଜାତିଲୋକଙ୍କୁ ଭୋଜିଭାତ ଦେଇଥିଲେ। ଅନ୍ୟପକ୍ଷେ ଇଚ୍ଛା ଥିଲେ ମଧ୍ୟ ଜାତିଲୋକଙ୍କ ଭୟରେ ବାପାଙ୍କ ପାଖକୁ ଯାଉ ନଥିବା ପ୍ରଶାନ୍ତ କହିଛନ୍ତି। ଏଣୁ ଯଦି କେହି କିଛି ଦେଉଥିଲେ ଖାଉଥିଲେ, ନଚେତ୍ ଭୋକିଲା ରହୁଥିଲେ ହରି। ଏହି ଖବର ପାଇ ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଘଞ୍ଚ ଜଙ୍ଗଲରେ ରହୁଥିବା ହରିଙ୍କ ପାଖରେ ମଙ୍ଗଳବାର ସନ୍ଧ୍ୟାରେ ପହଞ୍ଚିଥିଲେ। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱେଚ୍ଛାସେବୀଙ୍କ ବୁଝାଶୁଝା ପରେ ପ୍ରଶାନ୍ତ ଡାକ୍ତରଖାନାରେ ବାପାଙ୍କ ପାଖରେ ଅଛନ୍ତି।

## ମାଓବାଦୀ ନାଁରେ ବଟି ମାଗି ୨ଗିରଫ



ଗିରଫ ଦୁଇ ଅଭିଯୁକ୍ତ।

ଖପ୍ରାଖୋଲ, ୨୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବାଞ୍ଜିପାଲି ଗାଁର ଜଣେ ଠିକାଦାରଙ୍କୁ ମାଓବାଦୀ ନାଁରେ ବଟି ମାଗିବା ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ଧଣ୍ଡାମୁଣ୍ଡା ଗାଁର ସୁମନ ଶେଖର ସାହୁ (୨୮) ଏବଂ ବାଞ୍ଜିପାଲି ଗାଁର ବିକାଶ ସାହୁ(୨୪)। ପୋଲିସ ସୂଚନା ଅନୁସାରେ ଗିରଫ ଦୁଇ ଯୁବକ ନିଜକୁ ମାଓବାଦୀର ପରିଚୟ ଦେଇ ଠିକାଦାରଙ୍କୁ ୫ ଲକ୍ଷ ଟଙ୍କା ଦାବି କରି ଫୋନ ଯୋଗେ ଧମକ ଦେଉଥିଲେ। ଠିକାଦାର ପୋଲିସକୁ ଜଣାଇଥିଲେ। ପରେ ପୋଲିସ ମୋବାଇଲ ଟ୍ରାକିଂ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ପଚରାଉଚରା ପରେ ସେମାନେ ନକଲି ମାଓବାଦୀ ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ଖପ୍ରାଖୋଲ ଥାନାରେ ଦଫା ୪୧୯, ୩୮୬, ୫୦୬ ଓ ୫୦୭ ଆଇପିସିରେ ଏକ ମାମଲା(ନଂ.୧୬୨/୨୧) ରୁଜୁ କରି ୨ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ସୁନାଦେଈଙ୍କ ଛତର ଯାତ୍ରା ସମ୍ପନ୍ନ

ନୂଆପଡ଼ା ଅଫିସ,୨୦।୧୦

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ବୁଧବାର ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଲିଙ୍ଗଭଟାରେ ପ୍ରଥମେ ପୂଜା ଅର୍ଚ୍ଚନା କରି ମା'ଙ୍କୁ ସାଜୋ ସିଙ୍ଗାର ପିନ୍ଧାଇ ସେହିଠାରୁ ଛତର ଧରି ନଗର ପରିକ୍ରମାରେ ବାହାରନ୍ତି। ମା' ଛତର ଧରି ନଗର ପରିକ୍ରମା କରୁଥିବା ସମୟରେ ଶହଶହ ଭକ୍ତ ଅଧିଆ ପଡି ମା'ଙ୍କ ଆର୍ଶିବାଦ ନେଇଥାନ୍ତି। ସୁନାଦେଈ ଛତର ଯାତ୍ରାରରେ ଗୋଡା ପାହାଡ ପାଦଦେଶରେ ଥିବା ୨୪ଟି ଗାଁରୁ ୨୪ଟି ବୋଦା ଯାଇଥାଏ। ସେହି ବୋଦା ବଳି ଦେବା ସହିତ ଯାହାର ମାନସିକ ଥାଏ ସେମାନେ ମଧ୍ୟ ବୋଦା, କୁକୁଡା ଧରି ମା'ଠାରେ ଆର୍ଶିବାଦ ଭିକ୍ଷା ମାଗି ବୋଦା ବଳି ଦେଇଥାନ୍ତି। କୁମାର ପୂର୍ଣ୍ଣିମା ଦିନ ସୁନାଦେଈଙ୍କ ଛତର ଯାତ୍ରାରେ ଏତେ ସଂଖ୍ୟାରେ ବୋଦା





ମା'ଙ୍କ ଛତର ନଗର ପରିକ୍ରମା ବେଳେ ଶ୍ରଦ୍ଧାଳୁମାନେ ଅଧିଆ ପଡିଛନ୍ତି ।

ବଳିପଡେ ଯେ, ସୁନାବେଡା ରକ୍ତ ରଞ୍ଜିତ ହୋଇଯାଏ। ଏହି ପର୍ବ ମହାଳୟା ଅମାବାସ୍ୟାଠାରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ସମାପନ ହୋଇଥାଏ। ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ୫୨ଟି ଗାଁର ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ, ଆଦିବାସୀମାନଙ୍କ ପାଇଁ ଏହା ଏକ ଭାଇଚାରାର ପର୍ବ। ଏହି ଦିନ ସମସ୍ତେ ଏକାଠି ହୋଇ ପରସ୍ପରକୁ ମିଳନ ହୋଇଥାନ୍ତି। ଖୁସି ମନରେ ଏକାଠି ହୋଇ ମା'ଙ୍କ ପ୍ରସାଦ ସେବନ କରିଥାନ୍ତି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ସହିତ ଗାଁର ଯୁବ ଅନୁଷ୍ଠାନ, ସରକାରୀ, ବେସକାରୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସହଯୋଗ କରିଥିଲେ।

### ସୁନାଦେଈ ଛତର ଯାତ୍ରାରେ କୁକୁର କାମୁଡ଼ାରେ ୯ ଗୁରୁତର

ନୂଆପଡ଼ା ଅଫିସ,୨୦।୧୦: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡାର ଅଧିଷ୍ଠାତ୍ରୀ ଦେବୀ ଚକୋଟିଆ ଭୁଞ୍ଜିଆଙ୍କ ଇଷ୍ଟଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରାକୁ ଦର୍ଶନ ପାଇଁ ଯାଇଥିବା ବେଳେ କୁକୁର କାମୁଡାରେ ୯ଜଣ ଶ୍ରଦ୍ଧାଳୁ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ସୁନାବେଡା ଗାଁର କୁଶମଣି ଖମାରୀ (୫୭), ଦେବ ଚିନ୍ଦା (୬୮) ଓ ଅନ୍ୟ ଜଣେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଗାଁର ରାଜ କିଶୋର ବ୍ରହ୍ମା (୪୬) ବୋଲି ଜଣାପଡିଛି। ଏମାନଙ୍କ ଅବସ୍ଥା ଗୁରୁତର ଥିବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟମାନେ ବାହାର ଜିଲା ଓ ପଡୋଶୀ ଛତିଶଗଡର ହୋଇଥିବାରୁ ତାଙ୍କ ସହକର୍ମୀ ମାନେ ସାଙ୍ଗରେ ନେଇଯାଇଥିବା ସୂଚନା ମିଳିଛି।

# ବିଏସ୍‌ପିର ନୂଆଁଖାଇ ଭେଟ୍‌ଘାଟ

ଡୁଙ୍ଗୁରିପାଲି,୨୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ତମାମୁରା ଗଣ୍ଡାପଡାରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନିଲ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟ୍‌ରେ ଅତିଥି ଭାବେ ନାରାୟଣ ଭେଁସରା, ଅସର୍ଫୀ କୁମ୍ଭାର, ରାଜନ ତନ୍ତୀ, ରାଜୁ ନନ୍ଦ, ଦିଲୀପ ସିଂ, କାହ୍ନୁଚରଣ ଜଗଦଲା ଓ ସୁନାରାମ ବାଘ ଯୋଗ ଦେଇଥିଲେ। ସଦାନନ୍ଦ ରନବିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇ ପର୍ବର ସଂସ୍କୃତି, ପରମ୍ପରା ଉପରେ କହିଥିଲେ। ସମ୍ବିଧାନ ପ୍ରଦତ୍ତ ଅଧିକାରଗୁଡିକ ଦଳିତମାନେ ଯେପରି ପାଇପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଏସ୍‌ପିର ପ୍ରାର୍ଥୀମାନେ ଯେପରି ଅଧିକ ସଂଖ୍ୟାରେ ବିଜୟ ଲାଭ କରିବେ ସେ ନେଇ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ଭେଟଘାଟ କାର୍ଯ୍ୟକ୍ରମରେ ରାଜୁ ତାଣ୍ଡି, ଲବ କୁମ୍ଭାର, ଶେଷ କୁମ୍ଭାର, କୃଷ୍ଣ ଦୀପ, ପଞ୍ଚାନନ କୁମ୍ଭାର, ପାତ୍ର ନାଗ, ଲଙ୍କେଶ୍ୱର ନାଗ, ନିମାଇଁ ବାରିକ, ସମ୍ପାଦକ ଆନନ୍ଦ ଦୀପ, ଉପସଭାପତି କୃଷ୍ଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ତଙ୍ଗ ଗ୍ରାମରେ ମାହେଶ୍ୱରୀଙ୍କ ମହାଖଳା ପୂଜା



ମା'ଙ୍କ ପୀଠରେ ବିଭିନ୍ନ ରଙ୍ଗର ମୁରୁଜରେ ସୁସଜ୍ଜିତ ଯନ୍ତ୍ର ।

ବିନିକା,୨୦।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ମାଟି ଅନେକ ଦେବାଦେବୀଙ୍କ ପୀଠସ୍ଥଳୀରେ ପରିପୂର୍ଣ୍ଣ। ତନ୍ମଧ୍ୟରୁ ବିନିକା ବ୍ଲକ ଅନ୍ତର୍ଗତ କର୍ତଙ୍ଗ ଗ୍ରାମରେ ଥିବା ମା' ମାହେଶ୍ୱରୀଙ୍କ ପୀଠ ଅନ୍ୟତମ। ପ୍ରତିବର୍ଷ ପୁଅ ଜିଉଁତିଆ ଠାରୁ ଭାଇ ଜିଉଁତିଆ ପର୍ଯ୍ୟନ୍ତ ଏହି ପୀଠରେ ମା'ଙ୍କର ଷୋହଳ ପୂଜା ଏବଂ କୁମାର ପୂର୍ଣ୍ଣିମୀ ଦିନ ମହାଖଳା ପୂଜା ହୁଏ। ପ୍ରତିବର୍ଷ ଭଳି ଚଳିତବର୍ଷ କୁମାରୋତ୍ସବ ଉପଲକ୍ଷେ ମା' ମାହେଶ୍ୱରୀଙ୍କ ମହାଖଳା ପୂଜା ନୀତି ବିଧି ବିଧାନରେ ପାଳିତ ହୋଇଯାଇଛି। ବ୍ରାହ୍ମଣ, ବାରିକ, ଧୋବା, ନେଗୀ, ଡୁମ୍ବାଳ ସମ୍ପ୍ରଦାୟର ଲୋକେ ଏବଂ ଗ୍ରାମବାସୀ ମିଶି ପୂଜା ସମ୍ପନ୍ନ କରିଥିଲେ। ସକାଳୁ ମହାଖଳା ପୂଜା ମଣ୍ଡପରେ ଦେବାଦେବୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଯନ୍ତ୍ରମାନ ବିଭିନ୍ନ ରଙ୍ଗର ମୁରୁଜ ଦେଇ ଅଙ୍କା ଯାଇଥିଲା । ଏହାପରେ ତନ୍ତ୍ର ଏବଂ ମନ୍ତ୍ର ମାଧ୍ୟମରେ ଦେବାଦେବୀଙ୍କୁ ଷୋହଳ ଭରଣୀ ବାଦ୍ୟରେ ଆବାହନ କରାଯାଇଥିଲା। ଚଣ୍ଡୀପାଠ କରାଯାଇଥିଲା। ବରୁଆମାନଙ୍କ ଶରୀରରେ ଦେବୀ ପ୍ରବେଶ କରିବା ପରେ ଦାଣ୍ଡ ଯାତ୍ରାରେ ନାରୀକେଳ ବଳି ଓ କଖାରୁ ବଳି ପଡିଥିଲା । ପୂର୍ବରୁ ଏହି ତନ୍ତ୍ର ପୀଠରେ କୁଆଁର ପୁନେଇଁ ଖଳାପୂଜା ସମୟରେ ବୋଦା ବଳି ପଡୁଥିଲା। ପଦ୍ମନାଭ ପୂଜାରୀ, ବେଲାର ଦେହୁରୀ, ତୀର୍ଥ ଦେହୁରୀ, ସୁଦର୍ଶନ ଦେହୁରୀ, ବିଷ୍ଣୁ ଦେହୁରୀ ପୂଜା କାର୍ଯ୍ୟ ତୁଲାଇ ଥିଲେ। ଏହି ପୂଜା ଉପଲକ୍ଷେ ଢୋଲ ନିସାନ ଆଦି ବାଦ୍ୟରେ ଲୋକକଳା ଗ୍ରାମ କର୍ତଙ୍ଗ ଉତ୍ସବ ମୁଖରିତ ହୋଇଥିଲା।

## ଗୋଟିଏ ଦିନରେ ୧୮ ପଜିଟିଭ ଚିହ୍ନଟ

### ପୁଣି ବୌଦ୍ଧକୁ ଫେରିଲା କରୋନା

ବୌଦ୍ଧ,୨୦।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ବୁଧବାର ୧୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଦୀର୍ଘ ଦିନ ପରେ ପୁଣି କରୋନା ଆକ୍ରାନ୍ତ ଚିହ୍ନଟ ହେବା ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ବୌଦ୍ଧ ବ୍ଲକରୁ ୯ ଜଣ , ହରଭଙ୍ଗା ବ୍ଲକରୁ ୮ ଜଣ ଓ ସୋନପୁର ଜିଲାର ଜଣେ ବ୍ୟକ୍ତି ବୌଦ୍ଧ ଆସି ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଏପଟେ ପ୍ରଶାସନ ପକ୍ଷରୁ ସମସ୍ତ ଟିଏମସି ସେଣ୍ଟର ବନ୍ଦ କରାଯାଇଥିବାରୁ ଜିଲାବାସୀଙ୍କ ଚିନ୍ତା ବଢିଛି । ଏପରି ସ୍ଥଳେ ଜନସାଧାରଣ କୋଭିଡ ନିୟମ କଡାକଡି ପାଳନ କରୁ ନ ଥିବା ଦେଖିବାକୁ ମିଳିଛି । ଗୋଟିଏ ଦିନରେ ୧୮ ପଜିଟିଭ ଚିହ୍ନଟ ପରେ ଆଗକୁ ସ୍ଥିତି କିପରି ରହିବ ସେନେଇ ପ୍ରଶାସନ ଚିନ୍ତାରେ ପଡିଯାଇଛି।

# ମୁର୍ଷୁଣ୍ଡୀରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଅମରପାଲି,୨୦।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ମୁର୍ଷୁଣ୍ଡୀ ଠାରେ ୩୯ ତମ ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଦସ୍ୟ ଓ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ନିକଟସ୍ଥ ପୋଖରୀକୁ ଯାଇ ଗଙ୍ଗାମାତାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ପରେ ପୂର୍ଣ୍ଣ କଳସ ଧରି ହରିବୋଲ ହୁଳହୁଳି ଧ୍ୱନିରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ଚିତ୍ତରଞ୍ଜନ ସାହୁ ଓ ସୁନୀତା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା



ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାମଣ୍ଡପ ମେଢ଼ ।

ବେଳେ ପଣ୍ଡିତ ସଚ୍ଚିଦାନନ୍ଦ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ତିନିଦିନ ଧରି ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତ୍ୟେକ ଦିନ ରାମାୟଣ ପାରାୟଣ ହେବା ଓ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବା ନେଇ କମିଟିର ସଭାପତି ଲବକୁମାର ସାହୁ ସୂଚନା ଦେଇଛନ୍ତି। ପୂଜା କମିଟିର ରାଜଗୋପଲ ପାଣିଗ୍ରାହୀ, ଏସ.ଏମ.ବେଦପାଣି, କୁଶ ସାହୁ, ବିଦ୍ୟାଧର ଖୁର୍ଦ୍ଦିଆ, ତ୍ରିୟଞ୍ଜିବ ମିଶ୍ର, ଧନଞ୍ଜୟ ସାହୁ, ବଳରାମ ପଧାନ, ଶାନ୍ତାନୁ କ୍ଷେତି, ସନ୍ତୋଷ ସମର୍ଥ ପ୍ରମୁଖ ସାମିଲ ଥିଲେ। ଏହାସହିତ ବୀରମହାରାଜପୁର ଦୋଳ ମଣ୍ଡପ ପଡିଆ, ସୁବଳୟା, ବହଲପଦର ଆଦି ସ୍ଥାନରେ ମଧ୍ୟ ଗଜଲକ୍ଷ୍ମୀ ପୂଜା କରାଯାଉଛି।

## ଭାଜପା ପକ୍ଷରୁ ବିକ୍ଷୋଭ, କୁଶ ପୁତ୍ତଳିକା ଦାହ

ବୌଦ୍ଧ,୨୦।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଅଞ୍ଚଳର ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କୁ ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏହାଛଡା ଏହି ଘଟଣାରେ ଛନ୍ଦି ହୋଇ ପଡିଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଅପରାହ୍ନରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତି ଓ ମହିଳା ମୋର୍ଚ୍ଚାର ସଭାନେତ୍ରୀ ମିନାରାଣୀ ମିଶ୍ରଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟାଳୟଠାରୁ ଏହି ବିକ୍ଷୋଭ ଶୋଭାଯାତ୍ରା ବାହାରି ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲା। ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଦଳ ପକ୍ଷରୁ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭ ଶୋଭାଯାତ୍ରାରେ ଜିଲା ଭାଜପା ସଭାପତି ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାରାଣୀ ମିଶ୍ର, ପୂର୍ବତନ ସଭାପତି ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସଂପାଦକ ସତ୍ୟାନନ୍ଦ ପାଣ୍ଡେ, ତାପସ କୁମାର ପଟ୍ଟନାୟକ, ସୁଶାନ୍ତ ବାଘ, ପ୍ରେମାନନ୍ଦ ମିଶ୍ର ସାମିଲ ଥିଲେ।

# ପଞ୍ଚାୟତ ନିର୍ବାଚନ ସ୍ଥାନ ସଂରକ୍ଷଣରେ ଆଇନ ଉଲ୍ଲଂଘନ

ସୋନପୁର,୨୦।୧୦(ନି.ପ୍ର.)

### ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲାସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଓ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ଲାଗି ଚିଠା ସଂରକ୍ଷଣ ତାଲିକା ଗତ ୮ ତାରିଖରେ ପ୍ରକାଶ ପାଇଛି। ତେବେ ସୁବର୍ଣ୍ଣପୁର ଜିଲାରେ ପ୍ରକାଶିତ ସଂରକ୍ଷଣ ତାଲିକାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ତାଲିକାକୁ ବେଆଇନ ଓ ଆଇନ ବିରୋଧୀ ବୋଲି କଂଗ୍ରେସ କହିଛି। ସ୍ଥାନ ସଂରକ୍ଷଣ ୫ ବର୍ଷରେ ଥରେ ପରିବର୍ତ୍ତନ ହେବା କଥା। ଏହାଦ୍ୱାରା ସବୁ ବର୍ଗର ଲୋକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଇବେ। ମାତ୍ର ତାହା କରାଯାଇ ନାହିଁ। ଜିଲାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ମାତ୍ର ୫୦ରୁ ୫୫ ହଜାର ରହିଛି। ଡୁଙ୍ଗୁରିପାଲି ବ୍ଲକର ଗୋଟିଏ ମାତ୍ର ଜିଲା ପରିଷଦ ଆସନ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି। ଏପରି ସ୍ଥଳେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀକୁ ବେଆଇନ ଭାବେ ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷଣ ରହିଛି। ଲୋକସଂଖ୍ୟା ଅନୁପାତରେ ଜିଲାକୁ ୟୁନିଟ୍ ଭାବେ ବିଚାରକୁ ନିଆଯାଇନି। ବିନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଗତ ଥର ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରକାଶିତ ତାଲିକାରେ ଚଳିତ ଥର ମଧ୍ୟ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହା ସମ୍ବିଧାନ ବିରୋଧୀ





ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବୋଲି ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା ବୁଧବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୧୬ (୩-ଏ)(ଆଇ), ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୧୦(୫)(ଏ), ଓଡିଶା ଜିଲା ପରିଷଦ ଆଇନ ୧୯୯୧ ଧାରା ୬(୩)(ଏ), ଓଡିଶା ପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୬(୩-ଏ) ଓ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୧୦(୪)(ଏ)ର ଖୋଲା ଉଲ୍ଲଂଘନ ହୋଇଛି। ଶାସକ ଦଳ ନିର୍ବାଚନକୁ ନିଜ ସପକ୍ଷରେ ନେବା ପାଇଁ ମନ୍ଦ ଉଦ୍ଦେଶ୍ୟ ରଖି ଜିଲା ପ୍ରଶାସନର ଅଧିକାରୀଙ୍କ ସହ ସଲାସୁତୁରା କରି ଏହି ତାଲିକା ପ୍ରକାଶ କରିଛନ୍ତି। ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ପଞ୍ଚାୟତିରାଜ ଲୋକ ପ୍ରତିନିଧି ଆଇନର ଉଲ୍ଲଂଘନ ହୋଇଥିବାରୁ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳା କ୍ଷତି ସହିବେ। ଦଳ ପକ୍ଷରୁ ଏହି ବେଆଇନ ଚିଠା ସଂରକ୍ଷଣ ତାଲିକା ବିରୋଧରେ ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେଣୁ ଆଇନ ଅନୁଯାୟୀ ସଠିକ୍ ଚୂଡାନ୍ତ ତାଲିକା ପ୍ରକାଶ କରିବାକୁ ଦଳ ଦାବି କରିଛି। ଏହି ସମ୍ମିଳନୀରେ ସୁଧୀର କୁମାର ପଣ୍ଡା, ସୂର୍ଯ୍ୟକାନ୍ତି ବାଗ ଓ ଶେଷଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।